ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Vol.26 . No.47 Bhubaneswar Friday March 24 2023 | ୨୬ତମ ବର୍ଷ ସଂଖ୍ୟା-୪୭ ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୪, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ମନମୋହନ ସାମଲ ରାଜ୍ୟ ବିଜେପିର ନୂଆ ସଭାପତି

ଭୁବନେଶ୍ୱର, ୨୩।୩(ପି.ଏନ): ମନମୋହନ ସାମଲ ହେଲେ ରାଜ୍ୟ ବିଜେପିର ନୂଆ ସଭାପତି। ବିଜେପିର ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା ମନମୋହନଙ୍କୁ ରାଜ୍ୟ ସଭାପତି ଭାବେ ଗୁରୁଦାୟିତ୍ୱ ଦେଇଛନ୍ତି । ସମୀର ମହାନ୍ତିଙ୍କ ସ୍ଥାନରେ ମନମୋହନଙ୍କୁ ଏହି ନୂଆ ଦାୟିତ୍ୱ ମିଳିଛି। ଆଗକୁ ୨୦୨୪ ନିର୍ବାଚନ ଥିବା ବେଳେ ମନମୋହନଙ୍କ ନେତୃତ୍ୱରେ ଦଳ ମଇଦାନକୁ ଓହ୍ଲାଇବ ବୋଲି ସ୍ପଷ୍ଟ ହୋଇଛି। ରାଜ୍ୟ ବିଜେପି ସଭାପତି ହେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନମୋହନ ସାମଲ କହିଛନ୍ତି, 'ରାଜ୍ୟରେ ଚାଲିଥିବା ସରକାର ଅନ୍ୟାୟ, ଅତ୍ୟାଚାରରେ ବୁଡ଼ିକି ରହିଛି। ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତି ବିରୋଧରେ ବିଜେପି ଲଢ଼ିବ। ଓଡ଼ିଶାରେ ଦୁର୍ନୀତିଗ୍ରସ୍ତ ଶାସନ ଚାଲିଛି, ତାକୁ ୨୪ରେ ପରିବର୍ତ୍ତନ କରାଯିବ। ଲୋକେ ବିକଳ୍ପ ସରକାର ଅପେକ୍ଷାରେ ଥିବା ବେଳେ ଆମେ ସେହି ବିକଳ୍ପ ଦେବୁ। ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବି ବୋଲି କହିବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ନୂଆ ବିଜେପି ସଭାପତି ।ମନମୋହନ ସାମଲ ୧୯୫୯ ମସିହାର ଅପ୍ରେଲ ମାସ ୧୫ ତାରିଖରେ ଭଦ୍ରକ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ। କଳା ଏବଂ ଓକିଲାତିରେ ସ୍ନାତକ ଶ୍ରୀ ସାମଲ ଛାତ୍ର



ଜୀବନରୁ ରାଜନୀତିରେ ଯୋଗ ଦେଇଥିଲେ । ସେ ଭଦ୍ରକ କଲେଜରେ ପାଠ ପଢୁଥିବାବେଳେ ୧୯୭୯ ମସିହାରେ ଭଦ୍ରକ କଲେଜର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ। ଏହି ସମୟରେ ସେ ଏବିଭିପିର ସଦସ୍ୟ ହୋଇଥିଲେ। ପରେ ସେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ ଏବଂ ସେ ରାଜ୍ୟ ବିଜେପିର ସଭାପତି ଭାବରେ ଦୁଇଥର କାର୍ଯ୍ୟ କରିଛନ୍ତି। ସେ ୨୦୦୪ ମସିହାରେ ଭଦ୍ରକ ଜିଲ୍ଲା ଧାମନଗର ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ମନ ମୋହନ ସାମଲ ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲା ଧାମନଗର ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ। ଏହି ସମୟରେ ସେ ବିଜେପି-ବିଜେଡି ମେଂଟ ସରକାରରେ ଦୁଇ ଗୁରୁତ୍ୱପୂର୍ଣ୍ଣ ବିଭାଗ ରାଜସ୍ୱ ଓ ଖାଦ୍ୟ ଯୋଗାଣ ତଥା ଖାଉଟି କଲ୍ୟାଣ ବିଭାଗର ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ମନମୋହନ ବିଜେପିର ରାଜ୍ୟ ମୁଖିଆ ହେବା ପରେ ବିଜେପି ଶିବିରରେ ଖୁସିର ମାହୋଲ ଖେଳି ଯାଇଛି। ଏହି ଅବସରରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ମନମୋହନ ସାମଲ ଜଣେ ତୃଣମୂଳ ସ୍ତରର ନେତା । ତାଙ୍କ ନେତୃତ୍ୱରେ ୨୦୨୪ ନିର୍ବାଚନ ନିମନ୍ତେ ଦଳକୁ ମଜବୁତ କରାଯିବ। ସୁନୀଲ ବଂଶଲ ପ୍ରଭାରୀ ଦାୟିତ୍ୱ ନେବା ପରେ ଦଳର ନବକଳେବର କରାଯାଉଛି । ସରକାର ଗଠନ କରିବା ପାଇଁ ଆମେ ପ୍ରସ୍ତୁତି ଚଳାଇଛୁ। ବିଜେଡି ପଛୁଆ ବର୍ଗର କାର୍ଡ ଖେଳିବାକୁ ଚେଷ୍ଟା ଚଳାଇଥିବା ବେଳେ ମନମୋହନ ସାମଲ ଜଣେ ପଛୁଆ ବର୍ଗର ନେତା। ସେ ଭଲ ଭାବେ ଦାୟିତ୍ୱ ନିର୍ବାହ କରି ପାରିବେ। ମନମୋହନଙ୍କ ନେତୃତ୍ୱରେ ଦଳ ଆଗାମୀ ବିଧାନସଭା ନିର୍ବାଚନ ଲଢ଼ିବ ଓ ବିଜୟ ହାସଲ କରିବ ବୋଲି ଆଶା ରଖିଛୁ।

## ମହାନଦୀ ପ୍ରସଙ୍ଗରେ ମୋସନ ଅଣା ଯିବା ଦାବିରେ ବିରୋଧୀଙ୍କ ହଟ୍ଟଗୋଳ

ଭୁବନେଶ୍ୱର ,୨୩।୩(ପି.ଏନ): ମହାନଦୀ ପ୍ରସଙ୍ଗରେ ମୋସନ ଆଣି ଏହା ଉପରେ ଆଲୋଚନା କରିବା ଦାବିରେ ବିରୋଧୀ ଦଳର ବିଧାୟକ ମାନଙ୍କର ହଟ୍ଟଗୋଳ କାରଣରୁ ଆଜି ବିଧାନସଭାର ପ୍ରଥମାର୍ଦ୍ଧ ବୈଠକ ବାଧାପ୍ରାପ୍ତ ହୋଇଛି। ବାଚସ୍ପତି ଏହାକୁ ନେଇ ଅନୁମତି ନ ଦେବା କାରଣରୁ ବିରୋଧୀ କଂଗ୍ରେସ ଓ ବିଜେପି ବିଧାୟକ ମାନେ ହଟ୍ଟଗୋଳ କରିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଏହି କାରଣରୁ ଆଜି ଗୃହରେ ପ୍ରଶ୍ନକାଳ, ଶୂନ୍ୟକାଳ ହୋଇ ପାରି ନ ଥିବା ବେଳେ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇ ପାରି ନ ଥିଲା ।ଆଜି ନିର୍ଦ୍ଧାରିତ ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପାଇଁ ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ଡାକିଥିଲେ । ତେବେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ନିଜ ଆସନରେ ଠିଆ ହୋଇ କହିଥିଲେ ଯେ ସେ ପ୍ରଶ୍ନକାଳକୁ ନିଲମ୍ବିତ କରି ମହାନଦୀ ପ୍ରସଙ୍ଗରେ ମୋସନ ଜରିଆରେ ଆଲୋଚନା କରିବାକୁ ସେ ନୋଟିସ ଦେଇଛନ୍ତି । ତେଣୁ ପ୍ରଶ୍ନକାଳକୁ ସସପେଣ୍ଡ କରି ମହାନଦୀ ପ୍ରସଙ୍ଗରେ ମୋସନ ଜରିଆରେ ଆଲୋଚନା କରାଯାଉ । ହେଲେ ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଥିଲେ ଯେ ବଜେଟ ଅଧିବେଶନରେ ବ୍ୟୟମଂଜୁରୀ ବିଲ ପାରିତ ନ ହେବା ଯାଏ କୌଣସି ମୋସନ ଉପରେ ଆଲୋଚନା କରାଯାଇ ପାରିବ ନାହିଁ ଏହା ଶୁଣିବା ପରେ ପ୍ରଥମେ ବିରୋଧୀ କଂଗ୍ରେସ ଦଳର ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ପାଟିତୁଣ୍ଡ କରିଥିଲେ ଓ ପରେ ବିଜେପି ବିଧାୟକ ମାନେ ମଧ୍ୟ ଗୃହର ମଧ୍ୟ ଭାଗକୁ ଆସି ନାରାବାଜୀ କରିବା ଆରମ୍ଭ କରି ଦେଇଥିଲେ । ଏହି ପାଟିତୁଣ୍ଡ ମଧ୍ୟରେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ ତାଙ୍କୁ ପଚାରା ଯାଇଥିବା ପ୍ରଶ୍ନର ଉତ୍ତର ଦେଇଥିଲେ । ହେଲେ ପାଟିତୁଣ୍ଡ କାରଣରୁ ସେ ଦେଉଥିବା ଉତ୍ତର ପ୍ରେସ ଗ୍ୟାଲେରୀକୁ ସ୍ପଷ୍ଟ ହୋଇ ନ ଥିଲା ।ବାଚସ୍ପତି ବିରୋଧୀ କଂଗ୍ରେସ ଓ ବିଜେପି ବିଧାୟକ ମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅପିଲ କରିଥିଲେ । ବିରୋଧୀ ବିଧାୟକ ମାନେ ତାଙ୍କ କଥା ନ ଶୁଣି ନାରାବାଜୀ ଜାରୀ ରଖିଥିଲେ। ବିରୋଧୀ ଦଳର ବିଧାୟକ ମାନଙ୍କର ନାରାବାଜୀ ଚାଲିଥିବା ବେଳେ ଶାସକ ଦଳର ବିଧାୟକ ମାନେ ମଧ୍ୟ ନିଜ ନିଜ ଆସନରେ ଠିଆ ହୋଇ ନାରାବାଜୀ କରୁଥିବା ଦେଖିବାକୁ ମିଳିଥିଲା ।ହଟ୍ଟଗୋଳ କାରଣରୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ।

## ଆସୁଛି ଆଉ ଏକ ପଶ୍ଚିମାଝଡ଼ : ୨୬ ରୁ ବର୍ଷା ସମ୍ଭାବନା

ଭୁବନେଶ୍ୱର ,୨୩।୩(ପି.ଏନ): ଆସନ୍ତା ୨୬ ତାରିଖ ବେଳକୁ ରାଜ୍ୟରେ ପୁଣି ଥରେ ପଶ୍ଚିମା ଝଡର ପ୍ରଭାବ ଦେଖିବାକୁ ମିଳିବ। ଫଳରେ ୨୬ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହ ଝଡ-ପବନ ଘଂଟା ପ୍ରତି ୩୦ ରୁ ୪୦ କିମି ପର୍ଯ୍ୟନ୍ତ ହେବା ସମ୍ଭାବନା ରହିଛି ।୨୭ ତାରିଖରୁ ବର୍ଷାର ବିସ୍ତୃତି ବଢିବ। ୨୭ ରେ ୧୧ ଉପକୂଳ ଜିଲ୍ଲା ସମେ ପାର୍ଶ୍ୱବର୍ତୀ ଜିଲ୍ଲା ରେ ଝଡ ପବନ ଏବଂ ବିଜୁଳି ଘଡଘଡି ଜାରି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁଯାୟୀ ୨୬ରୁ ୨୭ ତାରିଖ ମଧ୍ୟରେ ପୁରୀ , ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ , ରାୟଗଡା, ସୁନ୍ଦରଗଡ, କେନ୍ଦୁଝର , ମୟୁରଭଂଜ ,ବାଲେଶ୍ୱର , ଭଦ୍ରକ ଓ ଯାଜପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ବର୍ଷା ସହ ୩୦ ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି।

## ସିଦ୍ଧାର୍ଥ ମହାନ୍ତି ଜୀବନ ବୀମା ନିଗମର ନୂଆ ଅଧ୍ୟକ୍ଷ



ଭୁବନେଶ୍ୱର, ୨୩।୩(ପି.ଏନ): ଭାରତ ସରକାରଙ୍କ ବିତ୍ତିୟ ସେବା ସଂସ୍ଥା ଦ୍ୱାରା ବର୍ତ୍ତମାନ ଜୀବନ ବୀମା ନିଗମରେ କାର୍ଯ୍ୟରତ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସିଦ୍ଧାର୍ଥ ମହାନ୍ତିଙ୍କୁ ପରବର୍ତ୍ତୀ ଅଧ୍ୟକ୍ଷ ଭାବେ ନିଯୁକ୍ତି କରିଛନ୍ତି। ସୂଚନାଯୋଗ୍ୟ ଶ୍ରୀ ମହାନ୍ତି ଏହି ଆସନ ଅଳଙ୍କୃତ କରିବାରେ ପ୍ରଥମ ଓଡ଼ିଆ ବ୍ୟକ୍ତି। ଜୀବନ ବୀମା ନିଗମରେ ସେ ଜଣେ ଦକ୍ଷ ଅଧିକାରୀ ଓ ପ୍ରଶାସକ ଭାବେ ସୁପରିଚିତ। ଏହି ଖବର ପ୍ରସାରିତ ହେବା ପରେ ସମସ୍ତ ଓଡ଼ିଆବାସୀ ଆନନ୍ଦିତ ଓ ଗର୍ବିତ ।

## ଶିବସେନାର ସଂସଦୀୟ ନେତା ପଦରୁ ସଞ୍ଜୟ ରାଉତ ଆଉଟ

ଭୁବନେଶ୍ୱର, ୨୩।୩(ପି.ଏନ): ଶିବସେନାର କମାଣ ସମ୍ଭାଳୁଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଆଜି ବରିଷ୍ଠ ନେତା ସଞ୍ଜୟ ରାଉତଙ୍କୁ ଦଳର ସଂସଦୀୟ ନେତା ପଦରୁ ବିଦା କରିଛନ୍ତି । ତାଙ୍କ ବଦଳରେ ଲୋକସଭା ସାଂସଦ ଗଜାନନ କିରତିକରଙ୍କୁ ଶିବସେନାର ସଂସଦୀୟ ନେତା ଭାବେ ନିଯୁକ୍ତ କରାଯାଇଛି। ଲୋକସଭା ବାଚ୍ଚସ୍ପତି ଓମ ବିର୍ଲା ଓ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀବ ଧନଖଡଙ୍କୁ ଶିବସେନାର ମୁଖିଆ ସିନ୍ଦେ ଚ଼ିଠି ଲେଖି ଏ ସମ୍ପର୍କରେ ଅବଗତ କରାଇଛନ୍ତି।

## ରାହୁଲ ଦେଉଥିବା ମନ୍ତବ୍ୟ କାରଣରୁ ହେଉଛି କଂଗ୍ରେସକୁ କ୍ଷତି : କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ

ନୂଆଦିଲ୍ଲୀ, ୨୩।୩(ପି.ଏନ): କେନ୍ଦ୍ର ଆଇନ ମନ୍ତ୍ରୀ କିରଣ ରିଜିଜୁ କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କୁ ନେଇ ଏକ ବଡ ବକ୍ତବ୍ୟ ଦେଇଛନ୍ତି । ସେ ରାହୁଲ ଗାନ୍ଧୀ ଦେଉଥିବା ବକ୍ତବ୍ୟକୁ ନେଇ ସେ ଏହି ବକ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଯେ ରାହୁଲ ଗାନ୍ଧୀ ବକ୍ତବ୍ୟ କାରଣରୁ କଂଗ୍ରେସକୁ କ୍ଷତି ହୋଇଛି । କଂଗ୍ରେସର ନେତା ମାନେ ମଧ୍ୟ ଏହାକୁ ନେଇ ଚିନ୍ତିତ ଅଛନ୍ତି ।ବାଇନାଡର ସାଂସଦ ରାହୁଲ ଗାନ୍ଧୀଙ୍କୁ ସୁରତର ଏକ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ କରି ଦୁଇ ବର୍ଷ ଜେଲ ଦଣ୍ଡାଦେଶ ଦେବା ପରେ ଶ୍ରୀ ରିଜିଜୁ ଏହା କହିଛନ୍ତି ।ସୁରତ କୋର୍ଟଙ୍କ ରାୟ ପରେ ଆଜି ଯେତେବେଳେ ସାମ୍ବାଦିକ ମାନେ କେନ୍ଦ୍ର ମନ୍ତ୍ରୀ ରିଜିଜୁଙ୍କ ଠାରୁ ପ୍ରତିକ୍ରିୟା ଜାଣିବାକୁ ଚାହିଁଥିଲେ ସେତେବେଳେ ରିଜିଜୁ କହିଥିଲେ – ରାହୁଲ ଗାନ୍ଧୀ ଯାହା ମଧ କହିଥାନ୍ତି ତା ଦ୍ୱାରା କ୍ଷତି ହୁଏ । ଏହା କେବଳ କଂଗ୍ରେସ ପାର୍ଟୀକୁ କ୍ଷତି କରି ଥାଏ ତା ନୁହେଁ ବରଂ ଅନ୍ୟ ମାନଙ୍କୁ ମଧ କ୍ଷତି ପହଂଚାଇଥାଏ । ଏହା ଦେଶ ପାଇଁ ଆଦୌ ଭଲ ନୁହେଁ ।ଶ୍ରୀ ରିଜିଜୁ ଆହୁରି କହିଛନ୍ତି ଯେ କଂଗ୍ରେସର କିଛି ସାଂସଦ ମଧ ତାଙ୍କୁ ଏ ବିଷୟରେ କହିଛନ୍ତି । କଂଗ୍ରେସର ସାଂସଦ ମାନେ ମଧ ଏ ନେଇ ଚିନ୍ତିତ ଅଛନ୍ତି । କଂଗ୍ରେସ ସାଂସଦ ମାନଙ୍କର ମଧ କହିବା କଥା ଯେ ରାହୁଲ ଗାନ୍ଧୀଙ୍କର ଏହି ଆଭିମୁଖ୍ୟ କାରଣରୁ କଂଗ୍ରେସ ଦଳ ବୁଡୁଛି ।ସେମାନେ ମୋତେ କହିଛନ୍ତି ଯେ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟଶୈଳୀ କାରଣରୁ ଅନେକ ଜିନିଷ ଖରାପ ହୋଇ ସାରିଲାଣି । ଏହା ଦ୍ୱାରା ପାର୍ଟିକୁ ଖୁବ କ୍ଷତି ଘଟୁଛି ।ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ୨୦୧୯ ମସିହାରେ ରାହୁଲ ଗାନ୍ଧୀ କର୍ଣାଟକରେ ଏକ ନିର୍ବାଚନୀ ସଭାରେ ମୋଦୀ ସରନେମ ବିରୁଦ୍ଧରେ ମନ୍ତବ୍ୟ ଦେଇଥିଲେ । ସେ ପ୍ରଶ୍ନ କରିଥିଲେ ଯେ ସମସ୍ତ ଚୋରଙ୍କ ସରନେମ ମୋଦୀ କିପରି ହୋଇଥାଏ ।ଏହା ବିରୁଦ୍ଧରେ ବିଜେପି ବିଧାୟକ ପୂର୍ଣେଶ ମୋଦୀ ଅଭିଯୋଗ କରିଥିଲେ ଓ କୋର୍ଟ ଏହି ମାମଲାରେ ରାହୁଲ ଗାନ୍ଧୀଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି ।

## ୨୦୨୩-୨୪ ଶିକ୍ଷାବର୍ଷରୁ ସବୁ ହାଇସ୍କୁଲରେ 'ସ୍କୁଲ୍ କ୍ଲବ୍'

ଭୁବନେଶ୍ୱର ,୨୩।୩(ପି.ଏନ): ସ୍କୁଲ ଛାତ୍ରଛାତ୍ରୀଙ୍କ ପ୍ରତିଭା ଓ ସାମର୍ଥ୍ୟକୁ ବିକଶିତ କରିବା ଉଦ୍ଦେଶ୍ୟରେ ଆସନ୍ତା ୨୦୨୩-୨୪ ଶିକ୍ଷାବର୍ଷଠାରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ରୂପାନ୍ତରିତ ବିଦ୍ୟାଳୟମାନଙ୍କରେ 'ସ୍କୁଲ କ୍ଲବ୍'ର ପ୍ରଚଳନ କରାଯିବ । ଏହି କ୍ଲବ୍‌ଗୁଡ଼ିକର ନାମ ଯଥାକ୍ରମେ ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ ଏବଂ କ୍ରିଡାଙ୍ଗନ ରଖିବାକୁ ପରାମର୍ଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ପ୍ରବର୍ତ୍ତିତ ଆକାଂକ୍ଷୀ ପାଠ୍ୟକ୍ରମକୁ ଅଧିକ ପ୍ରୋତ୍ସାହନ ଯୋଗାଇବା ସହ ସେମାନଙ୍କ ବ୍ୟକ୍ତିଗତ ଶିକ୍ଷଣ ଅଭିଜ୍ଞତାକୁ ବିକଶିତ କରିବାରେ ଏହି କ୍ଲବ୍ ବିଶେଷ ସହାୟକ ହେବ । 'ସ୍କୁଲ କ୍ଲବ୍'ର ପ୍ରଚଳନ ମାଧ୍ୟମରେ ପିଲାମାନେ କେବଳ ଶ୍ରେଣୀଗୃହରେ ସୀମିତ ନ ରହି ନିଜ ଆଗ୍ରହ ଅନୁସାରେ ଭବିଷ୍ୟତ ଯୋଜନା କରିବାକୁ ସୁଯୋଗ ପାଇବେ । ପ୍ରତ୍ୟେକ କ୍ଲବ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିଚାଳିତ ହେବା ସହ ସେମାନଙ୍କ କାର୍ଯ୍ୟକଳାପକୁ ସଂଗଠିତ କରିବା ପାଇଁ ମେଂଟର ଦାୟିତ୍ୱରେ ରହିବେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, କ୍ରୀଡ଼ା ବିଭାଗ, ଓଡିଶା ଜୈବବିବିଧତା ବୋର୍ଡ, ଓଡିଶା ବିଜ୍ଞାନ ଏକାଡେମୀ, ଆଂଚଳିକ ବିଜ୍ଞାନ କେନ୍ଦ୍ର, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମେଟିକ୍ସ, ଇଂଟେଲ୍ କର୍ପୋରେସନ, ୟୁନିସେଫ୍, ଲର୍ଣ୍ଣିଂ ଲିଙ୍କ୍ ଫାଉଣ୍ଡେସନ୍, କ୍ୱେଷ୍ଟ ଆଲାଏନ୍ସ, ରାସବେରୀ ପାଏ ଫାଉଣ୍ଡେସନ୍ ଏବଂ ବ୍ରିଟିଶ୍ କାଉନସିଲ୍ ଆଦି ସଂଗଠନର ସହଯୋଗରେ 'ମୋ ସ୍କୁଲ୍ ଅଭିଯାନ' ସ୍କୁଲ କ୍ଲବ୍ ର ପ୍ରଚଳନ କରିବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶ୍ରୀମତୀ ଅଶ୍ୱଥି ଏସ୍.ଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ମୋ ସ୍କୁଲ ଅଭିଯାନ'ର ୩୯ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ କ୍ଲବ ବ୍ୟବସ୍ଥାର ସୁପରିଚାଳନା ସହ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗରେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଛାତ୍ର କ୍ୟାବିନେଟର ପୁନଃଗଠନ ଉପରେ ଆଲୋଚନା କରାଯାଇଥିଲା ।ବୈଠକରେ ଓଡ଼ିଶାର ୨୭ଟି ଜିଲ୍ଲାର ମୋଟ ୯୬ କୋଟି ୫୩ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ, ବିଭାଗୀୟ ଆର୍ଥିକ ଉପଦେଷ୍ଟା, ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା, ନିର୍ଦ୍ଦେଶକ, ଟିଇ ଆଣ୍ଡ ଏସ୍‌ସିଇଆରଟି ଏବଂ ମୋ ସ୍କୁଲ୍ ଅଭିଯାନ ମୁଖ୍ୟ ପରିଚାଳନା ଅଧିକାରୀ, ମୋ ସ୍କୁଲ୍ ଭାରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ନବୀନ ନିବାସରେ ନବୀନ - ମମତା ଭେଟ

ଭୁବନେଶ୍ୱର ,(ପି.ଏନ): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ଅପରାହ୍ନରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ସାକ୍ଷାତ କରିଛନ୍ତି । ଉଭୟଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଥିବା ଜଣାପଡିଛି। ଆଲୋଚନା ପରେ ଗଣମାଧ୍ୟମକୁ ନବୀନ ପଟ୍ଟନାୟକ କହିଛନ୍ତି ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା। କୌଣସି ପ୍ରକାର ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଆଲୋଚନା ହୋଇନାହିଁ। ତେବେ ଭାରତରେ ସଂଘୀୟ ବ୍ୟବସ୍ଥା ସ୍ଥାୟୀ ଓ ସୁଦୃଢ ହେବା ଦରକାର। ମମତା ବାନାର୍ଜୀ ପୁରୀରେ କିଛି ଦିନ ଅତିବାହିତ କରିଥିବାରୁ ସେ ଖୁସି ପ୍ରକଟ କରିଥିଲେ। ଆମର ସଂସ୍କୃତି ଅନନ୍ୟ। ଆମେ ପଡୋଶୀ ରାଜ୍ୟ। ଆମ ଭିତରେ ବହୁତ ପୁରୁଣା ବନ୍ଧୁତ୍ୱ, ସୁନ୍ଦର ସଂପର୍କ ।ସେହିପରି ମମତା ବାନାର୍ଜୀ ଗଣମାଧ୍ୟମକୁ କହିଥିଲେ ଯେ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷାନେଇ ଆଲୋଚନା ହେଲା। ପୁରୀରେ ପଶ୍ଚିମବଙ୍ଗ ଅତିଥି ଭବନ ପାଇଁ ୨ ଏକର ଜମି ଦେଇଥିବାରୁ ଅଶେଷ ଧନ୍ୟବାଦ। ପଶ୍ଚିମବଙ୍ଗର ଦୀଘାରେ ଗୋଟିଏ ଜଗନ୍ନାଥ ମନ୍ଦିର ନିର୍ମାଣ



ହେଉଛି ଏବଂ ଏହାର ପରିଚାଳନା କମିଟିରେ ନବୀନଙ୍କୁ ରହିବାକୁ ଅନୁରୋଧ କରିଛି। ଏଥିସହ ଓଡ଼ିଶାରେ ଆତିଥ୍ୟ ପାଇଁ ନବୀନ ପଟ୍ଟନାୟକ ଓ ତାଙ୍କ ଅଫିସରମାନଙ୍କୁ ଧନ୍ୟବାଦ୍ ଦେଇଛନ୍ତି ମମତା ।ଏହି ଅବସରରେ ପଶ୍ଚିମବଙ୍ଗ ଜନସାଧାରଣଙ୍କ ପ୍ରତି ସଦିଚ୍ଛା ସ୍ୱରୂପ ମୁଖ୍ୟମନ୍ତ୍ରୀ ପୁରୀରେ ଅତିଥି ଭବନ ନିର୍ମାଣ ପାଇଁ ଓଡିଶା ବାସୀଙ୍କ ପକ୍ଷରୁ ପଶ୍ଚିମବଙ୍ଗ ସରକାରଙ୍କୁ ଦୁଇ ଏକର ଜମି ଉପହାର ସ୍ୱରୂପ ଦେଇଥିଲେ। ସୂଚନାଯୋଗ୍ୟ ଯେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗତ ୨୧ ତାରିଖରେ ୩ ଦିନିଆ ଓଡିଶା ଗସ୍ତରେ ଆସିଥିଲେ। ୨ ଦିନ ପୁରୀରେ ରହିବା ପରେ ଗୁରୁବାର ମମତା ସଡକ ପଥରେ ଭୁବନେଶ୍ୱରରେ ପହଂଚି ସିଧାସଳଖ ନବୀନ ନିବାସ ଯାଇଥିଲେ। ମମତାଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମମତାଙ୍କୁ ମହାପ୍ରଭୁଙ୍କ ଶ୍ରୀ ଅଙ୍ଗବସ୍ତ୍ର ଓ ତିନି ରଥର କାଠ ତିଆରି ପ୍ରତିକୃତି ପ୍ରଦାନ କରିଥିଲେ। ଏହାସହ ତାରକସି କାରୁକାର୍ଯ୍ୟ ସହ ଛେନାପୋଡ ଭେଟି ଦେଇଥିଲେ। ଅପରପକ୍ଷରେ ମମତା ମୁଖ୍ୟମନ୍ତ୍ରୀଙ୍କୁ ବିଶ୍ୱ ବାଙ୍ଲା ଦ୍ୱାରା ପ୍ରସ୍ତୁତ ଏକ ସ୍ୱତନ୍ତ୍ର ସାଲ୍ ଉପହାର ଦେଇଥିଲେ। ଏହାସହ ଜାମଦାନୀ ଶାଢୀ ଦେଇ ସ୍ୱର୍ଗତ ବିଜୁ ବାବୁ ଓ ଜ୍ଞାନ ପଟ୍ଟନାୟକଙ୍କୁ ଶ୍ରଦ୍ଧାଂଜଳି ଜଣାଇଥିଲେ। ନବୀନ-ମମତା ସାକ୍ଷାତ ଆଲୋଚନା ସମୟରେ ୫-ଟି ସଚିବ ଭିକେ ପାଣ୍ଡିଆନ ମଧ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କର୍ଣ୍ଣାଟକରେ ହଜାର କୋଟିରୁ ଉର୍ଦ୍ଧ୍ୱ ପ୍ରକଳ୍ପର ଉଦ୍‌ଘାଟନ

ନୂଆଦିଲ୍ଲୀ , ୨୩।୩(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାରଦିନ ଚିକ୍କାବଲ୍ଲାପୁର ଏବଂ ବେଙ୍ଗଲୁରୁରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ କରିବା ପାଇଁ କର୍ଣ୍ଣାଟକ ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଅନୁସାରେ ମୋଦୀ ୨୫ ମାର୍ଚ୍ଚରେ କର୍ଣ୍ଣାଟକ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ସେ ସକାଳ ସମୟରେ ଚିକ୍କାବଲ୍ଲାପୁରରେ ଶ୍ରୀ ମଧୁସୁଦନ ସାଇ ଆୟୁର୍ବିଜ୍ଞାନ ଏବଂ ଅନୁସନ୍ଧାନ ସଂସ୍ଥାନର ଉଦ୍‌ଘାଟନ କରିବେ ।

## ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀଙ୍କୁ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ ଭୁବନେଶ୍ୱର ,୨୩।୩(ପି.ଏନ): ଓଡ଼ିଶାରେ ହାତୀ ଓ ବନ୍ୟାପ୍ରାଣୀଙ୍କ ମୃତ୍ୟୁକୁ ନେଇ ଚିନ୍ତାପ୍ରକଟ କରିବା ସହ ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପାଇଁ ସମୟୋଚିତ ହସ୍ତକ୍ଷେପ କରିବା ତଥା ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବଙ୍କୁ ପୃଥକ ପୃଥକ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାରେ ଦିନକୁ ଦିନ ବଢ଼ି ଚାଲିଥିବା ହାତୀ ମୃତ୍ୟୁ ତଥା ହାତୀ-ମଣିଷ ସଂଘର୍ଷ ଆଜି ଆମ ପାଇଁ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି। ଗତ ଏକ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ୭୮୪ଟି ହାତୀ ପ୍ରାଣ ହରାଇବା ଦୁର୍ଭାଗ୍ୟର ବିଷୟ । ଏ ମଧ୍ୟରୁ କେବଳ ଗତ ତିନି ବର୍ଷ ଭିତରେ ୨୪୫ଟି ହାତୀଙ୍କର ମୃତ୍ୟୁ ଘଟିଛି। ପ୍ରତିବର୍ଷ ହାରାହାରି ୮୦ଟି ହାତୀ ମୃତ୍ୟୁବରଣ କରୁଛନ୍ତି। ଚଳିତ ବର୍ଷ କେବଳ ମାର୍ଚ୍ଚ ମାସରେ ସାତଟି ହାତୀ ମୃତ୍ୟୁ ମୁଖରେ ପଡ଼ିଛନ୍ତି, ଯାହା ଗତ ତିନି ବର୍ଷ ମଧ୍ୟରେ ସର୍ବାଧିକ। ଅଧିକାଂଶ ହାତୀ ବିଦ୍ୟୁତ୍ ଆଘାତ, ରୋଗ ଅଥବା ଟ୍ରେନ, ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଶିକାର ହେବା ପରିତାପର ବିଷୟ ।ହାତୀ ଓ ହଜାର ହଜାର ବନ୍ୟପ୍ରାଣୀଙ୍କର ମଧ ଏହିଭଳି ଅଭାବନୀୟ ମୃତ୍ୟୁ ଘଟୁଅଛି । ୨୦୧୭ -୧୮ରୁ ୨୦୨୧-୨୨ ଗତ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ୪୧୬ଟି ହାତୀଙ୍କୁ ମିଶାଇ ସମୁଦାୟ ୨,୭୭୬ଟି ବନ୍ୟଜନ୍ତୁଙ୍କର ମୃତ୍ୟୁ ଘଟିଛି । ସେହିପରି, ହାତୀ-ମଣିଷ ସଂଘର୍ଷ ବେଳକୁ ବେଳ ଉକ୍ଟ ହେବାରେ ଲାଗିଛି । ଆମ ରାଜ୍ୟରେ ହାତୀ ଆକ୍ରମଣରେ ୬୬୯ ଜଣ ଲୋକ ଓ ୭୪୧ଟି ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ୯,୧୫୧ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଛି ।ହାତୀ ହେଉଛି ଆମର ପରିବେଶ ସନ୍ତୁଳନ, ସାଂସ୍କୃତିକ ଐତିହ୍ୟ ଏବଂ ଓଡ଼ିଶାରର ସାମଗ୍ରିକ ପରିଚୟର ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ହାତୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଆହୁରି ମଧ, ଆମ ବଣଜଙ୍ଗଲ ଓ ଏହା ଉପରେ ନିର୍ଭର କରୁଥିବା ସ୍ଥାନୀୟ ସମ୍ପ୍ରଦାୟ ଗୁଡ଼ିକର ଜୀବନ ଜୀବିକା ପାଇଁ ହାତୀ ଭଳି ଅମୂଲ୍ୟ ବନ୍ୟପ୍ରାଣୀକୁ ପ୍ରାଥମିକତା ଦିଆଯିବା ନିହାତି ଆବଶ୍ୟକ ।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ସରକାର ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ନିଜର ଦୃଢ଼ ପ୍ରତିବଦ୍ଧତା ଦେଖାଇ ଆସୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ନିଜ 'ମନ୍ କି ବାତ୍'ରେ ହାତୀଙ୍କ ଗୁରୁତ୍ୱ ଓ ସେମାନଙ୍କ ସଂରକ୍ଷଣ ଉପରେ ବାରମ୍ବାର ଆଲୋକପାତ କରି ଆସୁଛନ୍ତି । ହାତୀମାନଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷିତ ଅଞ୍ଚଳ ନେଟୱର୍କର ସମ୍ପ୍ରସାରଣ ଏବଂ 'ପ୍ରୋଜେକ୍ଟ ଏଲିଫେଂଟ' ଆରମ୍ଭ କରିବା ଦିଗରେ କେନ୍ଦ୍ର ସରକାରଙ୍କ ପ୍ରୟାସ ହିଁ ଗଜରାଜଙ୍କ ସୁରକ୍ଷାର ଏକ ଶକ୍ତ ମୂଳଦୁଆ ପକାଇଛି । ତେଣୁ କେନ୍ଦ୍ର ସରକାରଙ୍କ ପରି ସାରା ଓଡ଼ିଶାରେ ହାତୀର ସୁରକ୍ଷିତ ତଥା ଅବାଧ ବିଚରଣକୁ ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ସମୟୋଚିତ ହସ୍ତକ୍ଷେପ ଅତି ଜରୁରୀ ।

## ଠକି ଦେଲା ଠିକାଦାର : ଅଧାପନ୍ତରିଆ କଂଚନପୁର ଠାରୁ ଜୟନ୍ତୀନାପୁର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ

ଚମ୍ପୁଆ, ୨୩।୩ (ପି.ଏନ): ଚମ୍ପୁଆ ବ୍ଲକ, ରଜିଆ ପଂଚାୟତ ଅନ୍ତର୍ଗତ କଂଚନପୁର ଠାରୁ ଜୟନ୍ତୀନାପୁର ଗ୍ରାମ୍ୟ ସଡ଼କ ଯୋଜନାକୁ ଦୀର୍ଘ ୫ ବର୍ଷରୁ ଅଧିକ ବିତି ଯାଇଥିଲେବି ଏହା ଅଧ ପନ୍ତରିଆ ଭାବେ ପଡ଼ିରହିଛି। ୫ ବର୍ଷ ତଳେ କାମକୁ ଅଧାରେ ଛାଡି ଠିକାଦାର ଛୁ ମାରିଥିବା ବେଳେ ରାସ୍ତା କାମ ଆଉ ହେବ କି ନାହିଁ ଏବେ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗମନା ଗମନର ସୁବିଧା ପାଇଁ କୋଟି କୋଟି ଟଙ୍କା ଅନୁଦାନ ଦିଆଯାଉଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନାମାନୀ କାମ ପାଇଁ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା କୁହାଯାଉଛି। ଚମ୍ପୁଆ ବ୍ଲକର ରଜିଆ ପଂଚାୟତ ଅନ୍ତର୍ଗତ କଂଚନପୁର ଠାରୁ ଜୟନ୍ତୀନାପୁର ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାକୁ ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇ ୪ କୋଟି ୬୯ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। କେନ୍ଦୁଝର ନିର୍ବାହୀଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ ୨ ତତ୍ତ୍ୱାବଧାନରେ ଏହି ଠିକା କାମ ବାରିପଦା ସ୍ଥିତ ସର୍ବେଶ୍ୱର ଚୌଧୁରୀଙ୍କୁ ମିଳିଥିବା ବେଳେ ୧୨ - ୭ - ୨୦୧୮ ରୁ ଠିକାଦାର ଏହି ରାସ୍ତା କାମ ଆରମ୍ଭ କରିଥିଲେ। ତେବେ ଏହି ରାସ୍ତା କାମ ୧୧ - ୪ - ୨୦୧୯ ସୁଦ୍ଧା ସରିବା ନେଇ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ କାମକୁ ଅଧାପନ୍ତରିଆ ଭାବେ ଛାଡି ଠିକାଦାର ଛୁ ମାରିଛି। ଠିକାଦାର କାମ ଛାଡି ଚାଲି ଯିବାର ୫ ବର୍ଷ ବିତିବାକୁ ବସିଲାଣି କିନ୍ତୁ ଏବେ ସୁଦ୍ଧା ରାସ୍ତା ଅଧପନ୍ତରିଆ ଭାବେ ପଡି ରହିଛି। ତେବେ କଂଚନପୁର ଠାରୁ ଜୟନ୍ତୀନାପୁର ୧ କି.ମି. ୯୦ ମିଟର ରାସ୍ତାକୁ ଠିକାଦାର ଅଧପନ୍ତରିଆ ଭାବେ ପକାଇ ଚାଲି ଯାଇଥିବାବେଳେ ବିଭାଗୀୟ ଅବହେଳା ପାଇଁ ମଧ ଏହି ରାସ୍ତା କାମ ସମ୍ପୂର୍ଣ୍ଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତା ଉପରେ ଦୈନିକ ନିର୍ଭର କରୁଥିବା ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଦେବନାଥ ଓରାମଙ୍କୁ ଯୋଗାଯୋଗ କରିବାରୁ କାମ ଅଧାରୁ ବନ୍ଦ କରି ଦେଇଥିବାରୁ ବିଭାଗ ଠିକାଦାର ନାମରେ ମାମଲା ରୁଜୁ କରିସାରିଛି। ତେବେ ଆଗକୁ ନୂଆ ଟେଣ୍ଡର କରି ରାସ୍ତା କାମ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ ରଖାଯାଇଛି ବୋଲି ସେ କହିଛନ୍ତି। ତେବେ ଆଗକୁ ଏହି ରାସ୍ତା କାମ ହେବ କି ନାହିଁ, ନା ଲୋକଙ୍କୁ ଲଲିପପ ଦେଇ ବିଭାଗ ଧୃତରାଷ୍ଟ୍ର ସାଜି ବସି ରହିବ ଦେଖିବାକୁ ବାକି ରହିଲା।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ଭାଇଜାନ୍ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ୟୈସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କେବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।



## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।



# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ମାର୍ଚ୍ଚ ୨୪

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

ଯକ୍ଷ୍ମା ଜୀବାଣୁ ଜନିତ ରୋଗ । ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ । ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ । ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ । ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ । କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ । ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ । ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ । ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ । ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ । ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ । ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ । ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ । ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ । ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ । ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି । କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ । ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ । ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ । ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ । ଓଜନ ମଧ୍ୟ କମି ଯାଏ । କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ । ଟିବି ହେଲେ ନିଶ୍ୱସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ । କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ । ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ । ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ । କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ । ଏହା ଯେ କୌଣସି ବ୍ୟକ୍ତିକୁ ମଧ୍ୟ ହୋଇପାରେ । କାରଣ ଏହା ଏକ ବାୟୁବାହିତ ରୋଗ । ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ । ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି । ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ । ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ । ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ । ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ । କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ । ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ । ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର । ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ । ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ । ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ । ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ । ଏହା ଖୁବ୍ ବିପଜ୍ଜନକ ସ୍ଥିତି । ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ । କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ । ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ । ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ । ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା



ଡାକ୍ତର କାନ୍ତୀ ନାୟକ

ଅନ୍ୟଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି । କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ । ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ । ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ । ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ । ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ । ରୋଗୀକୁ ମାସ୍କ ପିନ୍ଧାଇ ରଖନ୍ତୁ । ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ । କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ । କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ ।

ମହିଳାଙ୍କ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ । ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ । ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ । ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ । ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ । ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ । କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ । ପୁଷ୍ଟିକର ଖାଦ୍ୟ ଖାଆନ୍ତୁ । ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ । ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ । କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ । ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ଼୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ । ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ । ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି । ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ । ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି । ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି । ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି । ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି । ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ । ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ । ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ । ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ । କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି । ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିକୁ ଏହି ରୋଗ ଆକ୍ରମଣ କରିପାରେ । ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ । ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ । କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ । ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ । ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ । କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ ।

*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ*

# ପିଲା ବି କରିବ ସଞ୍ଚୟ

ନିଜ ସନ୍ତାନର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏ କଥା କେଉଁ ବାପା-ମା' ନ ଚାହାନ୍ତି । ସେଥିପାଇଁ ତ ପିଲାବେଳୁ ତା'ର ଭବିଷ୍ୟତକୁ ନେଇ ଅନେକ ଅଙ୍କକଷା ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଭବିଷ୍ୟତ ଜୀବନରେ ପିଲାଟି କିପରି ସୁଖଶାନ୍ତିରେ ରହିବ ସେଥିପାଇଁ ଆମେ ତାକୁ ଯେଉଁସବୁ ବିଶେଷ ଗୁଣ ଉପରେ ଶିକ୍ଷା ଦେଉ ସେଥିମଧ୍ୟରେ ସଞ୍ଚୟ କରିବା ଗୁଣକୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ନିହାତି ଜରୁରୀ ଅଟେ । ଆଜିକାଲି ପିଲାମାନଙ୍କୁ ପକେଟ ଖର୍ଚ୍ଚ ଦେବା ବାପା-ମା'ଙ୍କର ଏକ ଆଭିଜାତ୍ୟର ପ୍ରତୀକଭାବେ ଗଣା ହେଉଛି । ଅନେକ ସମୟରେ ଦେଖାଯାଏ ପିଲାମାନେ ପାନଦୋକାନରୁ ଗୁଟ୍‌ଖା, ସିଗାରେଟ କିଣୁଛନ୍ତି । ପିଲାଙ୍କୁ ଖର୍ଚ୍ଚ କରିବା ପାଇଁ ପଇସା ଦେବା ଯେତିକି ଜରୁରୀ ବୋଲି ଭାବୁଛନ୍ତି, ପିଲାଟି କେଉଁ ବାଟରେ ସେ ପଇସାକୁ ଖର୍ଚ୍ଚ କରୁଛି ସେଥିପ୍ରତି ନଜର ଦେବା ତା'ଠୁ ଅଧିକ ଜରୁରୀ ବୋଲି ମନେ କରନ୍ତୁ । ପିଲାଟିର ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରିବା ପାଇଁ ପଇସା ଦିଅନ୍ତୁ । ଅଧିକ ପଇସା ଦେଲେ ଅଯଥା ଖର୍ଚ୍ଚ କରିବାର ସମ୍ଭାବନା ବେଶି ଥାଏ । ଅନେକ ସମୟରେ ସାଙ୍ଗସାଥୀମାନଙ୍କ ଗହଣରେ ପିଲାମାନେ ଅଧିକ ପଇସା ଖର୍ଚ୍ଚ କରିଥାନ୍ତି । ତେଣୁ ସେ କେଉଁ ସ୍ୱଭାବର ପିଲାମାନଙ୍କ ସହିତ ମିଳାମିଶା କରୁଛି ସେଥିପ୍ରତି ନଜର ଦିଅନ୍ତୁ । ଅଯଥା ଖେଳ ସାରଞ୍ଜାମ କିଣିବାରେ ପିଲାମାନେ ପଇସା ଖର୍ଚ୍ଚ କରିଥାନ୍ତି । ଆଜିକାଲି ଇଣ୍ଟରନେଟ୍ କାଫେଗୁଡ଼ିକରେ ପିଲାମାନେ ଘଣ୍ଟା ଘଣ୍ଟା ଧରି ଗେମ୍ ଖେଳି ପଇସା ଖର୍ଚ୍ଚ କରୁଛନ୍ତି । ମୋବାଇଲରେ କଥାହେବା ଏବେ ଏକ ଫ୍ୟାଶନଭାବେ ଗଣା ହେଉଛି । ତେଣୁ ଦାମିକା ମୋବାଇଲ ସେଟ୍ କିଣିବା, ଗୀତ ଡାଉନ୍‌ଲୋଡ଼୍ କରିବା, ସାଙ୍ଗମାନଙ୍କ ସହିତ କଥା ହେବାରେ ମଧ୍ୟ ପିଲାମାନେ ଅଧିକ ପଇସା ଖର୍ଚ୍ଚ କରୁଛନ୍ତି । ସଫ୍ଟି ସେଣ୍ଟର, ଫାଷ୍ଟଫୁଡ୍, ରେଷ୍ଟୁରାଣ୍ଟ ଓ ଅନ୍ୟାନ୍ୟ ଟିଫିନ୍ ଷ୍ଟଲମାନଙ୍କରେ ଛାତ୍ରୀଛାତ୍ରମାନଙ୍କର ଭିଡ଼ ଜମିବା ଆଜିକାଲି ଏକ ସାଧାରଣ କଥା । ପଇସା ଖର୍ଚ୍ଚକରି ବାହାରେ ବିଭିନ୍ନ ପ୍ରକାର ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଅନେକ ରୋଗର ମଧ୍ୟ ଶିକାର ହେଉଛନ୍ତି । ଉପରୋକ୍ତ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖି ପିଲାମାନଙ୍କୁ



ଅନୁପମା ଭୂୟାଁ

ସଞ୍ଚୟ ବିଷୟରେ ଅବଗତ କରାଇବା ନିହାତି ଜରୁରୀ । ମାଟିଘଡ଼ି ବା କୁମ୍ଭିରେ ପଇସା ପକେଇବା ଠାରୁ ଆରମ୍ଭ କରି ବ୍ୟାଙ୍କରେ ଆକାଉଣ୍ଟ ଖୋଲି ପଇସା ସଞ୍ଚୟ କରିବାର ବିଭିନ୍ନ ଉପାୟ ଉପଲବ୍ଧ ହେଲାଣି । ଅନେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପିଲାମାନଙ୍କ ସଞ୍ଚୟ କରିବା ଇଚ୍ଛାକୁ ଉତ୍ସାହିତ କରିବା ଲାଗି ଦଶବର୍ଷ ବୟସରୁ ଉର୍ଦ୍ଧ୍ୱ ପିଲାମାନଙ୍କ ପାଇଁ ଜିରୋ ଆକାଉଣ୍ଟ ଯୋଜନା ପ୍ରଣୟନ କରୁଛନ୍ତି । ଏହା ସହିତ ସେମାନଙ୍କୁ ଏଟିଏମ୍ କାର୍ଡ଼ ମଧ୍ୟ ଯୋଗାଇବା ପାଇଁ ଚେଷ୍ଟା କରାଯାଉଛି । ବ୍ୟାଙ୍କରେ ବାପା, ମା' ପିଲା ମିଶି ଏକ ଜଏଣ୍ଟ ଆକାଉଣ୍ଟ ଖୋଲିପାରନ୍ତି । ଯାହାଫଳରେ ଆପଣ ପିଲାଙ୍କୁ ଦେଉଥିବା ଅର୍ଥକୁ ସେ ଆବଶ୍ୟକ ପରିମାଣର ଖର୍ଚ୍ଚକରି ବଳକା ପରିମାଣକୁ ଜମାରଖି ବିଭିନ୍ନ ପ୍ରକାର ସ୍ୱତନ୍ତ୍ର ଉତ୍ସବରେ ସେମାନଙ୍କୁ ଉପହାର କିମ୍ବା ନଗଦଟଙ୍କା ନଦେଇ ସେହି ପଇସାରେ ଯଦି ଇନ୍‌ସ୍ୟୁରାନ୍ସର ଏକ ପଲିସି ଉପହାର ଦେଇପାରିବେ ତେବେ ତାହା ଭବିଷ୍ୟତରେ କାମରେ ଆସିବ । ପିଲାମାନଙ୍କ ଭିତରେ ଖୁବ କମ ବୟସ ସମୟରୁ ସଞ୍ଚୟ ଶିକ୍ଷାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ । କାରଣ ତା ଜୀବନର ପରବର୍ତ୍ତୀ ସମୟରେ ସେ ସଞ୍ଚୟ ଅଭ୍ୟାସ ଦ୍ୱାରା ତା ଜୀବନର ଆର୍ଥିକ ଦିଗ ନିଶ୍ଚିନ୍ତ ଭାବରେ ସ୍ୱଚ୍ଛଳ ରହିବ । ଆଜି ଯେଉଁ ପିଲାଟି ନିଜେ ସଞ୍ଚୟ କରିବାର ଅଭ୍ୟାସକୁ ନିଜ ଜୀବନରେ କାର୍ଯ୍ୟରେ ପରିଣତ କରିଛି ପରବର୍ତ୍ତୀ ସମୟରେ ସେ ଯେତେବେଳେ ନିଜେ ପିତା ହେବ ସେତେବେଳେ ତା ପିଲା ମାନଙ୍କୁ ସେ ଏହି ଅଭ୍ୟାସ ସେମାନଙ୍କ ଭିତରେ ଜାଗରିତ କରିପାରିବ । ପିଲାମାନଙ୍କ ପାଇଁ ସଞ୍ଚୟ ଅଭ୍ୟାସ ଅତ୍ୟନ୍ତ ଜରୁରୀ କାରଣ ସେମାନେ ଏହାଦ୍ୱାରା ବଦଖର୍ଚ୍ଚୀ ହେବେନାହିଁ ଏବଂ ଖୋଲା ହାତିଆ ଖର୍ଚ୍ଚି ହୋଇ ଅନ୍ୟ କାହାର ଅର୍ଥ ବା ଧନ ପ୍ରତି ଲୋଭଗ୍ରସ୍ତ ହେବେନାହିଁ । କାରଣ ବଦଖର୍ଚ୍ଚି ଗୁଣ ପିଲାଟିକୁ କୁପଥରେ ଓ କୁସଙ୍ଗରେ ପକାଇ ଦେଇଥାଏ । ପରବର୍ତ୍ତୀ ସମୟରେ ପିଲାଟି ଅସାମାଜିକତା ଆଡ଼କୁ ଆଗେଇଯାଏ ଯାହା ପାଇଁ ବାପା-ମାଆ ଓ ପରିବାରର ମୁଣ୍ଡବ୍ୟଥା ବଢ଼ିବା ସହ ପିଲାଟିର ଜୀବନ ଅମଡ଼ା ବାଟରେ ମାଡ଼ିଯାଏ । ପିଲାମାନଙ୍କୁ ସଞ୍ଚୟ ଶିକ୍ଷା ଦେବା ସମୟରେ ନୈତିକତାର ଶିକ୍ଷା ଓ ସଦାଚାର ଶିକ୍ଷା ଦେବା ମଧ୍ୟ ଅତ୍ୟନ୍ତ ଜରୁରୀ । ଜଣେ ସଞ୍ଚୟ ଅଭ୍ୟାସ କରିବା ଅର୍ଥ ସେ କେବଳ ଆର୍ଥିକ କ୍ଷେତ୍ରରେ ସଞ୍ଚୟ କରିନଥାଏ ବରଂ ତା ଜୀବନର ସମୟ, ସମ୍ବଳ, ସ୍ୱାସ୍ଥ୍ୟ, ଚିନ୍ତନ ସବୁକିଛିକୁ ସେ ସଞ୍ଚୟ ଅଭ୍ୟାସରେ ପକାଇଥାଏ ଯାହାକି ତା ଜୀବନକୁ ଏକ ଦିବ୍ୟପଥ ଆଡ଼କୁ ନେଇଯାଏ ।

ସଞ୍ଚୟ କରିବା ଗୁଣ ପିଲାମାନଙ୍କୁ ଉଚିତ ସମୟରେ ଶିକ୍ଷା ନ ଦେଲେ ନେଡ଼ିଗୁଡ଼ କହୁଣିକୁ ବୋହିଯିବ । ସେଥିପାଇଁ ମୂଳରୁ ସତର୍କ ରହିବା ଜରୁରୀ । ପିଲାମାନଙ୍କର ସଞ୍ଚିତ ଅର୍ଥ ସେମାନଙ୍କର ଅଭାବ ସମୟରେ କାମରେ ଆସିବା ସହିତ ଭବିଷ୍ୟତରେ ତାକୁ ସ୍ୱାବଲମ୍ବୀ ତଥା ଆତ୍ମନିର୍ଭରଶୀଳ କରିବାରେ ମଧ୍ୟ ସାହାଯ୍ୟ କରିପାରିବ । କୁହାଯାଏ ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ । ସେମାନେ ଆମ ସମାଜର, ଆମ ଦେଶର ମୂଲ୍ୟବାନ ସମ୍ପତ୍ତି । ସେମାନଙ୍କୁ ସଞ୍ଚୟ ଅଭ୍ୟାସ ସହ ନୈତିକତାର ଶିକ୍ଷା ଦେଲେ ସେମାନେ ନିଜ ଜୀବନକୁ ଭଲ ଭାବରେ ଗଠନ କରିପାରିବେ ଏବଂ ଅନ୍ୟ ମାନଙ୍କ ପାଇଁ ଆଦର୍ଶ ମଧ୍ୟ ପାଲଟିଯିବେ । ଏହି ଶିକ୍ଷା ଦେବା ପିତାମାତା ଓ ପରିବାରର ଶ୍ରେଷ୍ଠ ଧର୍ମ ଭାବେ ବିଚାର କରିବା ଉଚିତ ।

*'ସାଇବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ,*
*ଦୂରଭାଷ : ୯୯୩୭୫୮୧୭୦୭*

# ପିଲାଙ୍କ ହେଲ୍‌ଥ କିଲର

ମେଦବହୁଳତା - ଛୋଟ ପିଲା ଅଧିକାଂଶ ସମୟ ଟିଭି ପାଖରେ ବସିଲେ ତାହାର ଓଜନ ଆବଶ୍ୟକତା ଠାରୁ ଅଧିକ ବଢ଼ିବା ସହ ହୃଦଜନିତ ରୋଗର ଆଶଙ୍କା ମଧ୍ୟ ରହିଥାଏ । ଅନ୍ୟପକ୍ଷରେ ସବୁବେଳେ ଟିଭି ଦେଖୁଥିବା ପିଲା ପ୍ରାୟତଃ ଅଧିକ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି, ଯାହାଫଳରେ ଟାଇପ-୨ ଡାଇବେଟିସ୍‌ର ବି ଆଶଙ୍କା ରହିଛି ।

ବ୍ୟାୟାମ ପ୍ରତି ବିମୁଖତା : ପିଲାମାନେ ଯଦି ବ୍ୟାୟାମ କରନ୍ତି ତେବେ ତାହାର ସୁପ୍ରଭାବ ସେମାନଙ୍କ ଶରୀର ଉପରେ ପଡ଼ିଥାଏ । କିନ୍ତୁ ଯେଉଁ ପିଲାମାନେ ଅଧିକାଂଶ ସମୟ ଟିଭି ଦେଖିବାକୁ ପସନ୍ଦ କରିଥାନ୍ତି ସେମାନଙ୍କର ବ୍ୟାୟାମ ପ୍ରତି ସକାରାତ୍ମକ ମନୋଭାବ ଆସି ନଥାଏ । କେବଳ ଏତିକି ନୁହେଁ, ଏହାଦ୍ୱାରା ସେମାନେ ଛୋଟ କାମ କରିବାକୁ ଆଗ୍ରହ ପ୍ରକାଶ କରୁନଥାନ୍ତି ।

ନିଦ୍ରା ସମସ୍ୟା : କେତେକ ମା' ଯେତେବେଳେ ଦେଖନ୍ତି ପିଲାଟି ଶୋଉନାହିଁ ସେତେବେଳେ ଏପରି ସମସ୍ୟାର ସମାଧାନ ପାଇଁ ସେମାନେ ଟିଭି ସୁଇଚ ଅନ କରିଦିଅନ୍ତି । ଟିଭିରେ ମନ ପସନ୍ଦର ପ୍ରୋଗ୍ରାମ ଦେଖିବା ପରେ ପିଲାଟି ଶୋଇ ପଡ଼ିଥାଏ । ହେଲେ ପରବର୍ତ୍ତୀ ସମୟରେ ଏହା ପିଲାଟିର ଅଭ୍ୟାସରେ ପରିଣତ ହୋଇଯାଏ । ଟିଭି ନ ଦେଖିଲେ ପିଲା ଆଖିକୁ ନିଦ ଆସେନା । ଏମିତି କି ଟିଭି ନଦେଖିଲେ ଶୋଇବି ନାହିଁ ବୋଲି ସେ ଜିଦ୍ ଧରିଥାଏ । ରାତିରେ ଅଧିକ ସମୟ ଟିଭି ଦେଖିଲେ ପିଲାର ଶୋଇବା ସମୟ ତା ମଧ୍ୟରେ ଅତିକ୍ରମ କରିଯାଇଥାଏ । ଡେରିରେ ଶୋଇଲେ ସଠିକ୍ ଭାବେ ନିଦ ନ ହେବା ଏବଂ ତା'ପର ଦିନ ଇଚ୍ଛା ନଥିଲେ ଉଠି ସ୍କୁଲ ଯିବାକୁ ପଡ଼େ । ଏହାଦ୍ୱାରା ପିଲାଙ୍କଠାରେ ନିଦ୍ରାଜନିତ ସମସ୍ୟା ଦେଖିବାକୁ ମିଳିଥାଏ ଏବଂ ଏହାର ପ୍ରଭାବ ସିଧାସଳଖ ପଡ଼େ ତାହାର କ୍ୟାରିୟର ଉପରେ ।

କ୍ୟାନସର ଆଶଙ୍କା : ପିଲାମାନେ ଅଧିକାଂଶ ସମୟ ଟିଭି ଦେଖିଲେ କ୍ୟାନସର ଆଶଙ୍କା ରହିଥାଏ ବୋଲି ଡାଃ ସେଗମେନ ପ୍ରକାଶ କରିଛନ୍ତି ଅଧିକ ସମୟ ଟିଭି ସାମ୍ନାରେ ବସି ପ୍ରୋଗ୍ରାମ ଦେଖିଲେ ଟିଭି ସ୍କ୍ରିନ୍‌ରୁ ନିର୍ଗତ ହେଉଥିବା ଆଲୋକ ହରମୋନ ମେଲାଟୋନିନ୍ ଉପରେ ପଡ଼ିଥାଏ ଏବଂ



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଏହାଦ୍ୱାରା କ୍ୟାନସର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସେ କହିଛନ୍ତି ।

ପ୍ରି-ମ୍ୟାଚ୍ୟୁର ପ୍ୟୁବର୍ଟି : ଝିଅପିଲାଙ୍କ ଶରୀରରେ ମେଲାଟୋନିନ୍ ଅସନ୍ତୁଳିତ ହେଲେ ନିର୍ଦ୍ଧାରିତ ସମୟ ପୂର୍ବରୁ ସେମାନେ କୁମାରୀତ୍ୱ ଲାଭ କରିଥାନ୍ତି । ସେମାନେ ଯଦି ଅଧିକାଂଶ ସମୟ ଟିଭି ଦେଖନ୍ତି ତେବେ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି । ଖାଲି ସେତିକି ନୁହେଁ, ଅଧିକ ସମୟ ଟିଭି ଦେଖିବା ଦ୍ୱାରା ସେମାନଙ୍କ ଶରୀରରେ ହରମୋନ ସନ୍ତୁଳିତ ହୋଇ ରହିନଥାଏ, ଯାହାଫଳରେ ଓଜନ ବଢ଼ିଥାଏ ।

ପ୍ରଭାବିତ ହୁଏ ଏକାଗ୍ରତା : ଛୋଟପିଲାମାନେ ଅଧିକାଂଶ ସମୟ ଟିଭି ଦେଖିବା ଦ୍ୱାରା ସେମାନଙ୍କର ଏକାଗ୍ରତା ପ୍ରଭାବିତ ହୋଇଥାଏ । କାରଣ ସେମାନେ ଉପଭୋଗ କରୁଥିବା କାର୍ଯ୍ୟକ୍ରମର ସିଧାସଳଖ ପ୍ରଭାବ ମାନସିକତା ଉପରେ ପଡ଼ିଥାଏ । ବେଳେବେଳେ ଟିଭି ଦେଖୁଦେଖୁ ସେମାନେ ଉତ୍ତେଜିତ ହୋଇପଡ଼ିଥାନ୍ତି । ଏହା ମଧ୍ୟ ସେମାନଙ୍କୁ ଭବିଷ୍ୟତରେ ଆଣ୍ଟିସୋସିଆଲ ହେବାକୁ ପ୍ରେରଣା ଦେଇଥାଏ । ଅଧିକାଂଶ ସମୟ ଟିଭି ଦେଖିବା ଫଳରେ ଛୋଟ ପିଲାଙ୍କର ସ୍ମରଣ ଶକ୍ତି ପ୍ରଭାବିତ ହେବା ସହ ଦୃଷ୍ଟିଜନିତ ସମସ୍ୟା ଦେଖାଦେଇଥାଏ । ତେବେ ଟିଭି ବେଶି ସମୟ ଦେଖିବା ଦ୍ୱାରା ଛୋଟପିଲାଙ୍କର ପାଠପଢ଼ା ଅଧିକ କ୍ଷତିଗ୍ରସ୍ତ ହୋଇଥାଏ ।

*ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,*
*ଦୂରଭାଷ : ୯୪୩୭୧୨୪୦୭୪*

# ମୁଁ କିଏ ?

ସେ ଗୀତ ଗୁଡ଼ିକ ପୁରୁଣା ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମନରେ ଝଙ୍କୁରିତ ହୁଏ । ଯଥା ନ୍ତଚକାଚକା ଭଉଁରୀ, ମାମୁଁ ଘର ଚଉଁରୀ' । ନ୍ତଆ ଜହ୍ନ ମାମୁଁ ଶରଗଶଷୀ' ଇତ୍ୟାଦି । ଆଧୁନିକ ଯୁଗରେ ଏସବୁ ବିରଳ ହୋଇଗଲାଣି । ଘରେ ଆମେ ପିଲାଦିନେ ସାଙ୍ଗସାଥୀ ମାନଙ୍କ ସହ ମିଶି ଅନ୍ଧପୁଟୁଳି ଖେଳ ଖେଳୁଥିଲି । ମୁଁ ମୋର ସାଙ୍ଗ ମାନଙ୍କର ସ୍ପର୍ଶକୁ ସବୁ ବେଳେ ଜାଣି ପାରୁଥିଲି । ମୋର ଆଖି ଦୁଇଟି ବନ୍ଦରେ ମୋର ସାଙ୍ଗ ମାନଙ୍କ ମଧ୍ୟରୁ ଯିଏ ବି ପଚାରନ୍ତି ମୁଁ କିଏ ? ମୁଁ ତାର ସଠିକ ଉତ୍ତର ଦେଇପାରୁଥିଲି । ମୋର ସାଙ୍ଗସାଥୀମାନେ ସବୁବେଳେ ଆଶ୍ଚର୍ଯ୍ୟ ହୋଇଯାଉଥିଲେ । ଦିନେ ଆମର ଶିକ୍ଷକ ଶ୍ରେଣୀ ଗୃହରେ କହିଥିଲେ ଭଗବାନ ପ୍ରେମର ପ୍ରତୀକ । ଏହା କାହିଁକି ମୋର ମନକୁ ପସନ୍ଦ ହୋଇନଥିଲା । ମୋର ହୃଦୟ କନ୍ଦରରେ ସତେ ଯେପରି କିଏ ଜଣେ କୁହେ ନ୍ତଭଗବାନ ହେଉଛନ୍ତି ପ୍ରେମ' ଓ ସେ ପ୍ରେମର ପ୍ରତୀକ ନୁହଁନ୍ତି । ସବୁବେଳେ ପିଲାଦିନେ ଭାବେ ଭଗବାନଙ୍କ ସଂଜ୍ଞା କ'ଣ ? ଦିନ ଆମ ସାର କହିଲେ ନ୍ତପିଲାମାନେ ଭଗବାନଙ୍କ ସଂଜ୍ଞା କଣ ଜାଣିଚ ? ଆମେ ସବୁ ନାହିଁ କରିବାରୁ ସେ କହିଲେ ନ୍ତଯେ ସର୍ବଶକ୍ତିମାନ, ସର୍ବଜ୍ଞ ଓ ସର୍ବତ୍ର ବିଦ୍ୟମାନ ତାକୁ ହିଁ ଭଗବାନ କୁହାଯାଏ ।' ମୋର ପିଲାଦିନର କୌତୁହଳ ଓ ଜିଜ୍ଞାସୁ ମନୋଭାବ ଏହି ସଂଜ୍ଞାକୁ ଗ୍ରହଣ କରିପାରିନଥିଲା । ମୋର ବିବେକ ସତେ ଯେପରି କୁହେ ଭଗବାନଙ୍କୁ କୌଣସି ସଂଜ୍ଞାଦ୍ୱାରା ମନୁଷ୍ୟ ସୀମିତ କରିପାରିବ ନାହିଁ । ଯେ ଅସୀମ, ଅନନ୍ତ ଓ ସଂଜ୍ଞାରୁ ଉର୍ଦ୍ଧ୍ୱ ତାଙ୍କୁ ଏପରି ଏକ ସଂଜ୍ଞା ମାଧ୍ୟମରେ ବାନ୍ଧି ରଖି ଶିକ୍ଷକମାନେ ବୋଧେ ତାଙ୍କର ସୀମିତ ଜ୍ଞାନର ପରିଚୟ ଦେଉଛନ୍ତି । ସେ ଅବର୍ଣ୍ଣନୀୟ ଅଚିନ୍ତ୍ୟନୀୟ । ଆମ ସଂସ୍କୃତ ଶିକ୍ଷକ ଦିନେ ଶ୍ରେଣୀ ଗୃହକୁ ଆସି କହିଲେ ନ୍ତନିର୍ଦ୍ଦୋଷ ନିର୍ମଳ ନାଥ ସଦୋଷ ଚଞ୍ଚଳବଧୁ' ଏହାକୁ ବୁଝାଇବାକୁ ଯାଇ ସାର କହିଥିଲେ ପ୍ରଭୁ ବା ସ୍ୱାମୀ ନିର୍ମଳ ବଧୁ ବା ସ୍ତ୍ରୀ ଚଞ୍ଚଳା ଓ ଦୋଷଯୁକ୍ତ । ଏପରି ପ୍ରଭୁ ଓ ବଧୂଙ୍କୁ ନେଇ ଆମର ଶରୀର ଗଠିତ । ଏପରି ସ୍ଥଳେ ଆମ ଶରୀରରେ ଶାନ୍ତି ଆସିବ କିପରି ? ଶିକ୍ଷକ ଆମକୁ ପ୍ରଶ୍ନ ପଚାରିଲେ ପ୍ରଭୁ ବଧୁଙ୍କ ପଦାଙ୍କ ଅନୁସରଣ କରିବା ଉଚିତ କି ବଧୁ ପ୍ରଭୁଙ୍କ ପଦାଙ୍କ ଅନୁସରଣ କରିବା ଉଚିତ । ଆମ୍ଭେମାନେ ଏହାର ଉତ୍ତର ଦେଇ ନପାରିବାରୁ ସେ ବୁଝାଇଥିଲେ ପ୍ରଭୁ ହେଉଛନ୍ତି ପବିତ୍ର ଓ ସ୍ଥିର ଆତ୍ମା, ମନ ହେଉଛି ବଧୁ ଯେକି ଚଞ୍ଚଳ ଓ ଯାହାର ସ୍ୱଭାବ ଏଣେ ତେଣେ ଦୌଡ଼ିବା ତେଣୁ ପ୍ରଭୁ ତା ପଛରେ ଧାଆଁନ୍ତି ନାହିଁ । ଏକଥାକୁ ଶୁଣି ସେ ଦିନ ମୁଁ ହୃଦୟଙ୍ଗମ କରିଥିଲି ଯେ ଚଞ୍ଚଳାବଧୁ



ଅନୀତା ପଟ୍ଟନାୟକ

ପଛରେ ଯେଉଁମାନେ ଦୌଡ଼ନ୍ତି ସେହି ବ୍ୟକ୍ତି ମାନଙ୍କୁ ମୋହଗ୍ରସ୍ତ ଓ ମାୟାଧୀନ କୁହାଯଏ । ଶ୍ରେଣୀକକ୍ଷରେ ସାର ଆଉ ଏକ ସୁନ୍ଦର ଉଦାହରଣ ମଧ୍ୟ ଦେଇଥିଲେ ଓ କହିଥିଲେ ଅର୍ଜ୍ଜୁନଙ୍କୁ ଶ୍ରୀକୃଷ୍ଣ ବିଶ୍ୱରୂପ ଦେଖାଇବା ପୂର୍ବରୁ ସେ ଦୁର୍ଯ୍ୟୋଧନଙ୍କୁ ବିଶ୍ୱରୂପ ଦେଖାଇଥିଲେ । ସେ ଏହାର ଅର୍ଥ ବୁଝି ନପାରି ଶ୍ରୀକୃଷ୍ଣଙ୍କୁ ତିରସ୍କାର କରିଥିବା ସମୟରେ ଅର୍ଜ୍ଜୁନ ସେହି ରୂପକୁ ବୁଝି ତାର ଉତ୍ତରରେ କହିଥିଲେ ନ୍ତକରିଷ୍ୟେ ବଚନତବ' (ତୁମର ନିର୍ଦ୍ଦେଶକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି) । ମୋ ମନରେ ଶ୍ରେଣୀ ଗୃହର ସେ ଦିନର କଥା ଆଜି ପର୍ଯ୍ୟନ୍ତ ଝଙ୍କୁରିତ ହୁଏ । ସତରେ କଣ ଆମେ ସମସ୍ତେ ଦୁର୍ଯ୍ୟୋଧନ । ଜୀବନରେ ଅନେକ ମନ୍ଦିର, ସାଧୁସନ୍ଥଙ୍କ ସମ୍ପର୍କରେ ଆସିଥିଲେ ମଧ୍ୟ ଶେଷରେ ଦାରୁବ୍ରହ୍ମ ଜଗନ୍ନାଥଙ୍କୁ ଦର୍ଶନ କରି ତାଙ୍କର ମୂଳମନ୍ତ୍ରରେ ଦିକ୍ଷୀତ ହୋଇଥିଲେ ମଧ୍ୟ ତାଙ୍କର ବାଣୀ ଆମେ କାହିଁକି ଅନୁସରଣ କରିପାରୁନାହୁଁ । ଆମେ କଣ ବଧୁ ଚଞ୍ଚଳା, ଆମେ କଣ ମୋହଗ୍ରସ୍ତ ଓ ମାୟାଧୀନ । ସେ ଅବର୍ଣ୍ଣନୀୟ, ଅଚିନ୍ତ୍ୟନୀୟଙ୍କୁ କଣ ବୁଝି ହୁଏନାହିଁ । ସେ ଦିନ ଥାଏ ମୋର ଜନ୍ମଦିନ । ଏକା ଏକା ଜଗନ୍ନାଥଙ୍କ ମନ୍ଦିରକୁ ଦୀପ ବସାଇବାକୁ ଗଲି । ଭଗବାନଙ୍କ କୃପାରୁ ସେ ଦିନ ଥାଏ ସାହାଣମେଳା । ଅନେକ ଲୋକ ମନ୍ଦିର ଭିତରକୁ ପ୍ରବେଶ କରୁଥାନ୍ତି । ଜନସ୍ରୋତରେ ଭାସି ଗଲାପରି ମହିଳାମାନଙ୍କ ମଧ୍ୟରେ ମୋର ଗୋଡ଼ତଳକୁ ଲାଗୁନଥିଲେ ମଧ୍ୟ ମୁଁ କିପରି ଗରୁଡ଼ସ୍ତମ୍ଭ ପାଖରେ ପହଞ୍ଚିଲି ମୁଁ ନିଜେ ବି ଜାଣେନି ସେହି ସ୍ରୋତରେ ମୁଁ କାଷ୍ଠ ନିର୍ମିତ ଅର୍ଦ୍ଧଳି ନିକଟରେ ପହଞ୍ଚିଗଲି । ଯୋଡ଼ହସ୍ତରେ ଆଖି ବନ୍ଦ କରି ଭାବିବାକୁ ଲାଗିଲି ଭଗବାନ ପ୍ରକୃତରେ ତୁମେ ସତରେ ମହାନ । ତୁମେ ସର୍ବତ୍ର ବିଦ୍ୟମାନ ତୁମର କଥା, କର୍ମ, ଚିନ୍ତା ଏକ । ତୁମେ ମୋ ଭିତରେ, ବାହାରେ ସର୍ବତ୍ର ବିଦ୍ୟମାନ । ମାଛ ଜଳବିନା ବଞ୍ଚିପାରେ ନାହିଁ, ଜଳ କିନ୍ତୁ ମାଛବିନା ତିଷ୍ଠିପାରେ । ସେହିପରି ତୁମବିନା ମୋର ସ୍ଥିତି ନାହିଁ କିନ୍ତୁ ମୋ ବିନା ତୁମର ସ୍ଥିତି ଅଛି ଓ ରହିବ ମଧ୍ୟ । ଏହିପରି ମୋର କୃତଜ୍ଞତା ଜଣାଉଥିବା ସମୟରେ ମୁଁ ଅନୁଭବ କଲି ମୋର ଆଖି ଦୁଇଟିକୁ କେହି ଜଣେ ତାର ହାତ ପାପୁଲି ମାଧ୍ୟମରେ ଚାପିଧରି ପଚାରୁଛି କହିଲୁ ଦେଖି ମୁଁ କିଏ ? ମୁଁ ସଙ୍ଗେ ସଙ୍ଗେ ପ୍ରକୃସ୍ଥିତ ହେଲି ଭାବିଲି ଏ କଣ ? ମୋ ସହିତ ପିଲାଦିନର ଅନ୍ଧପୁଟୁଳି ଖେଳ କିଏ ଖେଳୁଛି ? କିଏ ମୋର ସେ ପିଲାଦିନର ବନ୍ଧୁ, ଯେ ମୋର ଆଖିକୁ ଚାପି ଧରିଛି । ଅଗୁରୁ ଚନ୍ଦନର ସୁଗନ୍ଧ ସେ ପାପୁଲିରୁ ନିର୍ଗତ ହେଉଥିଲା । କି ସୁନ୍ଦର ଓ କୋମଳ ସେ ସ୍ପର୍ଶ ସତେ ! ଆଖି ଖୋଲି ଦେଲି ଦେଖିଲି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦାରୁବ୍ରହ୍ମଙ୍କୁ । ପାଖରେ ମୋର କୌଣସି ବନ୍ଧୁ ନଥିଲେ । କଣ ବା ମୁଁ ଉତ୍ତର ଦେଇପାରିଥାନ୍ତି ଯଦିଓ ମୁଁ ଏକ କୋମଳ ସ୍ୱର ଶୁଣିଥିଲି ଯେ ମୁଁ କିଏ ? ପିଲାଦିନେ ଅନ୍ଧପୁଟୁଳି ଖେଳବେଳେ ମତେ ସ୍ପର୍ଶ କଲେ ମୁଁ ତତ୍‌କ୍ଷଣାତ ତାର ଉତ୍ତର ଦେଇ ପାରୁଥିଲି ଆଜି କାହିଁକି ସ୍ୱତଃ ମୋ ମୁଖରୁ ବାହାରିଲା ନାହିଁ । ତୁମେ ସିଏ । ହେ ଜଗନ୍ନାଥ । ଭୁଲ କରିଥିଲେ ମତେ କ୍ଷମା କରିଦେବ ।

*ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*

# ଟଙ୍କା-(୩/୪)

ଚତୁର ବ୍ୟାପାରୀଙ୍କ ଷଡ଼ଯନ୍ତ୍ରର ସୀମାହୀନ ଛନ୍ଦ ଭରା ପ୍ରରୋଚନାରେ ନିର୍ବୋଧଙ୍କ ପ୍ରତାରଣାର ସମୀକ୍ଷା କରିବା ଏତେ ସହଜ ନୁହେଁ ଏତିକି ଲେଖା ମାଧ୍ୟମରେ ଯାହା ସମସ୍ତେ ନିଜେ ନିଜେ ବୁଝିବାକୁ ଚେଷ୍ଟା କରିବା ଆବଶ୍ୟକ । ନତୁବା ଚିରକାଳ ଅସ୍ଥିରତା, ଅପ୍ରାକୃତିକ ଜୀବନ ଯାପାନ କରି ଯଥେଷ୍ଟ ଟଙ୍କା ଆଦାୟ କରି କେବଳ ଚତୁର ବ୍ୟାପାରିଙ୍କୁ ପୋଷିବା ଛଡା ସାଧାରଣ ମନୁଷ୍ୟ କେବେହେଲେ ସୁଖ, ଶାନ୍ତି ପାଇପାରିବେ ନାହିଁ ଯାହା ଆହୁରି ଜଟିଳରୁ ଜଟିଳ□ର ସମସ୍ୟା ସୃଷ୍ଟି କରିବ ଆଗକୁ । ତେଣୁ ସେଥିପ୍ରତି ସାଧାରଣ ଲୋକେ ସଚେତନ ନହୋଇ ସମୟ ସ୍ରୋତରେ ନିଜକୁ ପରିଚାଳିତ କଲେ ନିଜର ଏବଂ ଭବିଷ୍ୟ ପିଢିଙ୍କ ଭବିଷ୍ୟତ ଅନ୍ଧକାର ହେବ ସୁନିଶ୍ଚିତ । ଲୋକଙ୍କ ଆଦାୟକୁ ବୃଦ୍ଧି କରି ଟଙ୍କାର ମୂଲ୍ୟ ହ୍ରାସଃ କରିବା ଦ୍ୱାରା ବ୍ୟାପାରୀଙ୍କୁ କିଭଳି ଲାଭ ହୋଇଥାଏ ସେସବୁ ସାଧାରଣରେ ବୁଝିବା ସହଜ ନୁହେଁ । ତେଣୁ ସେମାନେ ବିଭିନ୍ନ ଷଡ଼ଯାନ୍ତ୍ରୀକ ଉପାୟରେ ଲୋକଙ୍କୁ ଟଙ୍କାର ମୂଲ୍ୟାଙ୍କନ ଆକଳନ କରିବା କ୍ଷମତା ବହିର୍ଭୁତ ରଖି କେବଳ ସଂଖ୍ୟା ଗଣନାଙ୍କ ଉପରେ ଶିକ୍ଷା ଦେଇ ମାନସିକ ସ୍ତରରେ ଖୁସି କରାଇ ସମସ୍ତ ଅର୍ଥ ହାତେଇବାରେ ସମର୍ଥ ଆଜିର ସାମାଜିକ ସ୍ଥିତିର ସମୀକ୍ଷା କରନ୍ତି ନାହିଁ କେହି । ସାଧାରଣ ଲୋକେ ନିଜସ୍ୱ ସମ୍ପ□ର ଆକଳନ କୋଟି କୋଟିରେ କରି ସନ୍ତୁଷ୍ଟ ହେଉଥିବା ବେଳେ ଅନୁରୂପ ଅନୁପାତଠାରୁ ଆଶାତୀତ ପରିମାଣର ବୃଦ୍ଧି ହେଉଛି ବ୍ୟାପାରୀଙ୍କ । କେମିତି ବୁଝିବା କଷ୍ଟ, କିନ୍ତୁ ସତ୍ୟ । ତେଣୁ ପ୍ରଥମେ ବଜାରରେ ଚାହିଦା ଏବଂ ଅଭାବନିୟତା ସୃଷ୍ଟି କରି ପରବର୍ତ୍ତୀ ସମୟରେ ଲୋକଙ୍କ ଆଦାୟକୁ ବୃଦ୍ଧି କରି ଯଥେଷ୍ଟ ଲାଭ ହାସଲ କରିବା ପ୍ରଣାଳୀ ପ୍ରୟୋଗ କଲେ ବ୍ୟବସାୟୀ । ସାଧାରଣ ଲୋକେ କିନ୍ତୁ ସେମାନଙ୍କ ସେହି ଷଡ଼ଯାନ୍ତ୍ରୀକ ପ୍ରରୋଚନରୁ ମୁକୁଳିବା ପରିବର୍ତ୍ତେ ଦିନକୁ ଦିନ ଅଧିକରୁ ଅଧିକ ଲିପ୍ତ ହେଉଥିବା ଦେଖିବାକୁ ମିଳୁଛି ଆଜି ସମୟରେ । ଟଙ୍କାର ମୂଲ୍ୟ ଏବଂ ଗଣନାଙ୍କ ମଧ୍ୟରେ ପାର୍ଥକ୍ୟ ବୁଝିବା ଏତେ ସହଜ ନୁହେଁ । ତେଣୁ କେବଳ ଗଣନାଙ୍କ ବୃଦ୍ଧି କରି ଟଙ୍କାର ମୂଲ୍ୟକୁ ହ୍ରାସଃ କରି ବ୍ୟପାରୀ ଯେଉଁ ଚାଲ ଚଳାଇଛନ୍ତି ସେଇଥିରୁ ଶିକ୍ଷିତ, ଅଶିକ୍ଷିତ, ନିର୍ବୋଧ କେହି ବାଦ ପଡି ନାହାନ୍ତି ଆଜି ସମୟରେ । ସାମାଜିକ ବ୍ୟବସ୍ଥାର ଶୀର୍ଷସ୍ଥାନିତ ମଣିଷ ଗୁଡ଼ିକୁ ବିଭିନ୍ନ ସୂତ୍ରରେ କରାୟତ କରିବାରେ ସମର୍ଥ ଚତୁର ବ୍ୟପାରୀ ଯେ ବର୍ତ୍ତମାନ ସମାଜକୁ ଚଳାଉଛନ୍ତି ଏକଥା କିଛି ଲୋକ ବୁଝୁଥିଲେ ମଧ୍ୟ ସମସ୍ତେ ଜାଣନ୍ତି ନାହିଁ । ତେଣୁ ବ୍ୟବସ୍ଥା ମଧ୍ୟ ସେମାନଙ୍କ ଚତୁର ଷଡ଼ଯନ୍ତ୍ରରୁ ବହିର୍ଭୁତ ନଥାଇ ଯାହାସବୁ ସାମାଜିକ ପ୍ରଚାର ପ୍ରସାର ହେଉଛି ସେଗୁଡିକ ପ୍ରତି ସଚେତନ ହେବା ନିହାତି ଆବଶ୍ୟକ । ଅଥବା ସାଧାରଣ ଲୋକେ ଆସନ୍ତା ସମୟରେ ଅସ୍ଥିରତା ପ୍ରବଣ କ୍ରିତଦାସ ଭଳି ବଂଚିବା ଛଡା ମଣିଷ ଜୀବନର ପ୍ରାକୃତିକ ସୁଖ ପାଇବା ସମ୍ଭବ ହେବନାହିଁ ।

ଟଙ୍କାର ପ୍ରକୃତ ମୂଲ୍ୟ ହ୍ରାସଃ କରିବା ସହିତ ମଣିଷ ଜୀବନର ଅପରିହାର୍ଯ୍ୟ ତଥା ଶିକ୍ଷା, ସ୍ୱାସ୍ଥ୍ୟ ଏବଂ କୃଷି କ୍ଷେତ୍ର ଗୁଡ଼ିକରୁ ଯଥେଷ୍ଟ



ପଙ୍କଜ କୁମାର ପାଣିଗ୍ରାହୀ

ଆର୍ଥିକ ଲାଭ ପାଇବାରେ ଚତୁର ବ୍ୟାପାରୀଙ୍କ ହସ୍ତକ୍ଷେପ ଯେତିକି ଲୋକଙ୍କ ଭାଗିଦାରୀତା ମଧ୍ୟ ତାହାଠାରୁ ଯଥେଷ୍ଟ ଅଧିକ ସହାୟକ ହୋଇଥାଏ ସେମାନଙ୍କୁ ଲାଭ କରାଇବାରେ । ଅହେତୁକ ମାନସିକତା ସୃଷ୍ଟି କରିବା ତଥା ଲୋକଙ୍କୁ ଭୟଭୀତ କରାଇବା ଏବଂ ଅତ୍ୟଧିକ ଲାଭ କରାଇବାର ସୁଯୋଗ ସୃଷ୍ଟି କଲାଭଳି ଯୋଜନା ପ୍ରସ୍ତୁତ କରି ଲୋକଙ୍କ ଠାରୁ ଠକି ଯଥେଷ୍ଟ ଲାଭବାନ ହୋଇଥା'ନ୍ତି ବ୍ୟାପାରୀ । ଅଧିକନ୍ତୁ ଏହି କ୍ଷେତ୍ର ଗୁଡିକର ବାସ୍ତବ ଉତ୍ପାଦତା ତଥା କାର୍ଯ୍ୟ କ୍ଷମତାକୁ ସଂକୁଚିତ କରି ଅଧିକ ପ୍ରଦର୍ଶନ କରିଥା'ନ୍ତି ବ୍ୟାପାରୀ ଯାହା ଦ୍ୱାରା ସେମାନଙ୍କୁ ବିଭିନ୍ନ ଉପାୟରେ ଅଧିକ ଲାଭ ମିଳିଥାଏ । ପ୍ରତ୍ୟେକ କ୍ଷେତ୍ରରେ ଷଡ଼ଯାନ୍ତ୍ରୀକ ଯୋଜନା ମାଧ୍ୟମରେ ଲୋକଙ୍କ ଅର୍ଥକୁ ହାତେଇବାରେ ସମର୍ଥ ବ୍ୟାପାରୀଙ୍କ ଷଡ଼ଯନ୍ତ୍ରକୁ ବୁଝିବା ଏତେ ସହଜ ନୁହେଁ । ଇତି ମଧ୍ୟରେ ସାଧାରଣ ଲୋକେ କେବଳ ପ୍ରଚୁର ଟଙ୍କା ଅର୍ଜନ କରିବା ଏବଂ ଯେତେ ସମ୍ଭବ କମ୍ ଖର୍ଚ୍ଚ କରି ଯଥେଷ୍ଟ ପରିମାଣରେ ସଂଚୟ କରିବା ଲକ୍ଷ ରଖି ପରୋକ୍ଷରେ ବ୍ୟାପାରୀଙ୍କୁ କେମିତି ଲାଭବାନ କରିଥା'ନ୍ତି ତାହାରି ଉପରେ ସାମ୍ୟକ ଧାରଣା ମଧ୍ୟ ନଥାଏ କାହାର । ତେଣୁ ବ୍ୟପାରୀ ବିଭିନ୍ନ ଉପାୟ ତଥା ଯୋଜନା ପ୍ରସ୍ତୁତ କରି ଆବଶ୍ୟକ ସ୍ଥଳେ ସରକାରୀ କଳର ସହଯୋଗୀତାରେ ସାଧାରଣ ଲୋକଙ୍କ ପାଖରେ ସେସବୁର ପ୍ରାଧାନ୍ୟତା ବଳବ□ର ରଖି ବ୍ୟାପକ ଲୁଟି ଥା'ନ୍ତି ସମାଜକୁ । ଲୋକଙ୍କ ନିର୍ବୋଧତା ସହିତ ସେମାନଙ୍କ ଆଡ଼ମ୍ବରପୂର୍ଣ୍ଣ ପ୍ରଚାର ପ୍ରସାରରେ ସାଧାରଣ ନିର୍ବୋଧ ବଳି ପଡ଼ିଥା'ନ୍ତି ସେମାନଙ୍କୁ ଲାଭବାନ କରାଇବାରେ ସହାୟକ ହୋଇ । ଟଙ୍କାକୁ ଖୋଲା ବଜାରରେ ଶସ୍ତା କରିଦେଇ ଲୋକଙ୍କ ପାରିଶ୍ରମିକକୁ କେମିତି ଲୁଟିଥା'ନ୍ତି ସେମାନେ ତାହା ଅକଳନୀୟ । ଲୋକଙ୍କୁ କିନ୍ତୁ ଟଙ୍କା ପ୍ରତି ରହିଥିବା ପ୍ରେମ ଓ ଦୁର୍ବଳତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଅହେତୁକ ଭାବେ । ହେଲେ କଠିନ ପରିଶ୍ରମ କରି ମୁଣ୍ଡ ଝାଳ ତୁଣ୍ଡରେ ମାରି କିଂଚିତ ଟଙ୍କା ରୋଜଗାର କରୁଥିବା ସାଧାରଣ ଶ୍ରମିକ ସ୍ତରର ଲୋକଙ୍କ ଠାରୁ ଠକି ଟଙ୍କା ଲୁଟିବାରେ କୌଣସି ଦ୍ୱିଧା ସୃଷ୍ଟି ହେବା ବଦଳରେ ଆନନ୍ଦିତ ହୋଇଥା'ନ୍ତି ଲୁଟେରା ଯାହାଙ୍କୁ କୌଣସି ପ୍ରକାର ଆଇନ ସମ୍ମତ ନକରାଯିବା ବ୍ୟବସ୍ଥାର ଦୁର୍ବଳତା ନା କେତେକ ସ୍ୱାର୍ଥନ୍ୱେଷୀ ମଣିଷ ସମାଜର ଶୀର୍ଷ କ୍ଷେତ୍ରରେ ରହି ଏହାକୁ ଆଢୁଆଳରେ ରଖିଛନ୍ତି ବୁଝିବା କଷ୍ଟ । ହେଲେ, ତଥାପି କାହାର ଚେତା ପସୁନାହିଁ ଟଙ୍କାକୁ ବହ୍ନିବା ପାଇଁ କି ନିଜର ରୋଜଗାର ଅର୍ଥକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବା ପାଇଁ । ଏହାର ସୁଯୋଗ ନେଇ ସମାଜରେ ଯିଏ ଯାହାକୁ ଯେମିତି ଠକି ପାରିଲା ଠକି ଚାଲିଛନ୍ତି ।

କଥା ପ୍ରସଙ୍ଗରେ ଲୋକେ କୁହନ୍ତି ଟଙ୍କାର ମୂଲ୍ୟ କିଛି ନାହିଁ ତ ଆଉ କେତେବେଳେ କୁହାଯାଏ ଟଙ୍କାହିଁ ଜୀବନର ସର୍ବେସର୍ବା । ଏହି କଥାର କୌଣସି ମହତ୍ୱ ଅଛି ନା ଏହା କେବଳ ଗୋଟିଏ ଗୁଲି ଗପ ସଦୃଶ୍ୟ, ବିଚାର କରିବା । ବାସ୍ତବିକ ଟଙ୍କା ଆଜି ସମୟରେ ମଣିଷକୁ ସର୍ବଦିଗ ସୁଖ ପ୍ରଦାନ କରିପାରୁଥିବା ସର୍ବଜନ ଗ୍ରହଣୀୟ ବିଷୟ । ଟଙ୍କାକୁ ବ୍ୟବହାର କରି ମଣିଷ ମନ ମୁତାବକ ଯାହା ଯେତେବେଳେ ଇଛା କରିପାରୁଥିବା କୌଣସି ମିଥ୍ୟା କଥା ନୁହେଁ । ତେଣୁ ସମସ୍ତଙ୍କ ମନରେ ଟଙ୍କାର ମାନ୍ୟତା ସର୍ବାଗ୍ରେ ରହିଥିବା ଏକ ସାମାଜିକ ମାନ୍ୟତା । କହିବାକୁ ଗଲେ ଟଙ୍କା ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ, ବସ୍ତ୍ର, ବାସଗୃହ ଇତ୍ୟାଦି କ'ଣ କିଛି କିଣି ହେଉନାହିଁ ?!! ସଂସାରର ସବୁ ଜିନିଷ ନିମିଷକ ମଧ୍ୟରେ କିଣି ହୁଏ ଟଙ୍କା ମାଧ୍ୟମରେ । ତେଣୁ ଟଙ୍କାର ମାନ୍ୟତା ସାମାଜିକ ସ୍ତରରେ ସର୍ବାଗ୍ରେ ରହିଥବା ଅନୁଭବ ହେଉଛି ସମସ୍ତଙ୍କ । (କ୍ରମଶଃ)

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଂଜାମ-୭୬୧୦୨୦*
*ଦୂରଭାଷ.: ୯୪୩୭୩୨୪୯୧୭.*



# ମୋ ଗାଁ

## କେନ୍ଦୁଝରରେ ଉତ୍ସାହ, ଉଦ୍ଦୀପନା ମଧ୍ୟରେ ପାଳିତ ହେବ ଓଡିଶା ଦିବସ ପାଳନ

କେନ୍ଦୁଝର, (ପି.ଏନ): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୮୮ ତମ ଓଡିଶା ଦିବସ ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରିବା ପାଇଁ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ୨୨ ତାରିଖ ବୁଧବାର ଅପରାହ୍ନରେ ସ୍ଥାନୀୟ ଦରବାରହଲ୍ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଠାକରେ ଉଦ୍ବୋଧନ ଦେଇ ଆଗାମୀ ଓଡିଶା ଦିବସକୁ ଉତ୍ସାହ, ଉଦ୍ଦୀପନା ଓ ଉତ୍କଳୀୟ ଭାବନା ସହ ମହାସମାରୋହରେ ପାଳନ କରିବା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡି.ଏଫ୍.ଓ କେନ୍ଦୁଝର ଧନରାଜ ଏଚ୍.ଡି., ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଡି.ଏସ୍.ପି. ଡିଆଇବି ଇନ୍ଦୁରେଖା ପଶ୍ଚିମକବାଟ, ଏସ୍.ଡି.ପି.ଓ କେନ୍ଦୁଝର ମହେନ୍ଦ୍ରନାଥ ମୁର୍ମୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟିଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତା, ବିଭିନ୍ନ ସଂଗଠନ ଓ ଅନୁଷ୍ଠାନର କର୍ମକର୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକ କାର୍ଯ୍ୟକ୍ରମର ରୂପରେଖ ସଂପର୍କରେ ଆଲୋକପାତ କରିଥିଲେ ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରିଥିଲେ । ବୈଠକର ନିଷ୍ପତି ଅନୁଯାୟୀ ଚଳିତ ମାର୍ଚ୍ଚ ୨୭ ତାରିଖ ପୂର୍ବାହ୍ନ ଘ.୧୦.୩୦ମି. ସମୟରେ ମୋଚିବନ୍ଧ ହାଇସ୍କୁଲ୍ଠାରେ ଓଡିଆ ଭାଷାରେ ମହାବିଦ୍ୟାଳୟ ଓ ଉଚ୍ଚବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା, ଉତ୍କଳ ବନ୍ଦନା ଉପରେ ଆଧାରିତ ଉଚ୍ଚବିଦ୍ୟାଳୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା, ମାର୍ଚ୍ଚ ୨୮ ତାରିଖ ପୂର୍ବାହ୍ନ ଘ.୧୦.୩୦ମି. ସମୟରେ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପଠାରେ ଉଚ୍ଚ ବିଦ୍ୟାଳୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଓ ନବମ ଶ୍ରେଣୀଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରୀମାନଙ୍କ ମଧରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏତଦ୍ବ୍ୟତୀତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯିବାକୁ ନିଷ୍ପତି ନିଆଯାଇଛି । କୃତୀ ପ୍ରତିଯୋଗୀମାନଙ୍କୁ ଓଡିଶା ଦିବସ ପାଳନ ଅବସରରେ ଏପ୍ରିଲ୍ ୦୧ ତାରିଖ ଦିନ ସନ୍ଧ୍ୟାରେ କେନ୍ଦୁଝରର ଅଡିଟରିୟମ୍ ଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସମାରୋହରେ ପୁରସ୍କୃତ କରାଯିବ । ଏତଦ୍ବ୍ୟତୀତ ପଦ୍ମଶ୍ରୀ ସମ୍ମାନ ବିଜେତା ସୁନାମଧନ୍ୟ କଣ୍ଢେଇ ନୃତ୍ୟଗୁରୁ ମାଗୁଣି ଚରଣ କୁଅଁରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବା ପ୍ରସ୍ତାବ ଗୃହୀତ ହୋଇଥିଲା । ଏତଦ୍ଭିନ୍ନ ସର୍ବଭାରତୀୟସ୍ତରରେ ଜଏଂଟ୍ ଆଡ୍ମିସନ୍ ଟେଷ୍ଟ୍ ପରୀକ୍ଷାରେ ଶୀର୍ଷସ୍ଥାନ ହାସଲ କରିଥିବା କୃତୀ ଛାତ୍ର/ଛାତ୍ରୀଙ୍କୁ ଏବଂ ରାଜ୍ୟସ୍ତରରେ ଚୟନ ହୋଇଥିବା କେନ୍ଦୁଝର ଜିଲ୍ଲାର ଦୁଇଜଣ କୃତୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ / ପୁରସ୍କୃତ କରାଯିବା ପ୍ରସ୍ତାବ ଗୃହୀତ ହୋଇଛି । ଓଡିଶା ଦିବସ ପାଳନ ଅବସରରେ ଏପ୍ରିଲ୍ ୧ ତାରିଖ ପ୍ରତ୍ୟୁଷରେ ବନ୍ଦେ ଉତ୍କଳ ଜନନୀ ବନ୍ଦନା ପ୍ରଚାର, ସକାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ, ସକାଳ ୮ ଘଟିକା ସମୟରେ ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବ। କେନ୍ଦୁଝରର ଅଡିଟରିୟମ୍ଠାରେ ଅପରାହ୍ନ ୩ ଘଟିକା ସମୟରେ କବିତା ପାଠୋତ୍ସବ, ସନ୍ଧ୍ୟା ୬ ଘଟିକା ସମୟରେ ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ନିଷ୍ପତି ନିଆଯାଇଛି । ଓଡିଶା ଦିବସ ଅବସରରେ ବିଭିନ୍ନ ବିଭାଗୀୟ ସଚେତନତାମୂଳକ ପ୍ରଦର୍ଶନୀ ଆୟୋଜନ କରାଯିବାକୁ ନିଷ୍ପତି ନିଆଯାଇଛି । ସନ୍ଧ୍ୟାରେ ସରକାରୀ ଓ ବେସରକାରୀ କୋଠାବାଡି ତଥା ବାଣିଜ୍ୟିକ ଅନୁଷ୍ଠାନର କୋଠାବାଡିରେ ରଙ୍ଗୀନ ଆଲୋକ ସଜ୍ଜା କରିବା ପାଇଁ ଅନୁରୋଧ କରାଯାଇଛି । ଏତଦ୍ବ୍ୟତୀତ ଓଡିଶା ଦିବସ ପାଳନ ସଂପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ଓଡିଶା ଦିବସ ପାଳନକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ସ୍ୱତଃସ୍ଫୁର୍ତ ଭାବେ ସହଯୋଗ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ।

## ବିଶ୍ୱ ବନ ଦିବସ ପାଳିତ

ମାଲକାନଗିରି, (ପି.ଏନ): ମାଲକାନଗିରି ବନଖଣ୍ଡ ଆନୁକୂଲ୍ୟରେ ଗତକାଲି ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ପ୍ରତାପ କୋତା ପାଲ୍ଲୀ, ଏସିଏଫ କନ୍ଦନ ସିଂ, ସମାଜସେବି ଦୁର୍ଯ୍ୟୋଧନ ପାତ୍ର, ଅଧ୍ୟାପକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ, ମାଲକାନଗିରି ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଦେବ ପ୍ରସାଦ ଦାଶ ଓ ରାମକୃଷ୍ଣ ଚୌଧୁରୀ ଯୋଗ ଦେଇ ପରିବେଶ ସୁରକ୍ଷା ଏବଂ ନିଆଁ ଦାଉରୁ ଜଙ୍ଗଲକୁ କିପରି ସୁରକ୍ଷା କରାଯାଇ ପାରିବ ବୁଝାଇଥିଲେ । ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭେଜାଗୁଡା ସରପଞ୍ଚ ଭୀମସେନ ନାୟକଙ୍କୁ ୨୦ ହଜାର ଟଙ୍କା, ଆପନାମାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦର୍ଶନ ସ୍ୱାଇଁ ଙ୍କୁ ୧୦ ହଜାର ଟଙ୍କା ଓ ଉପଢୌକନ ପ୍ରଦାନ କରାଯାଇଥିବାବେଳେ ମୋଟୁ ବନାଞ୍ଚଳ ଅଧିକାରୀ ରଶ୍ମୀରଞ୍ଜନ ସ୍ୱାଇଁଏବଂ ତାଙ୍କ ବନ କର୍ମଚାରୀମାନେ ଚିତାବଘ ଚମଡା ଜବତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେମାନଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ସେହିପରି ମାଲକାନଗିରି ବନାଞ୍ଚଳ ଅନ୍ତର୍ଗତ ଗନ୍ଧିପଲ୍ଲୀ ବନ ସୁରକ୍ଷା ସମିତି ସଭାପତି ମନୋଜ କୁମାର ପଟ୍ଟନାୟକ, ମାଥିଲି ବନାଞ୍ଚଳ ଅନ୍ତର୍ଗତ ଚମ୍ପାଝରଣ ବନସୁରକ୍ଷା ସମିତି ସଭାପତି ନୀଳ ବିଷୋୟୀ, ଚିତ୍ରକୋଣ୍ଡା ବନାଞ୍ଚଳ ଅନ୍ତର୍ଗତ ଅଞ୍ଜାରୀଗୁଡା ବନ ସୁରକ୍ଷା ସମିତି ସଭାପତି ଘେନୁ ମୁଦୁଲି, ମୋଟୁ ବନାଞ୍ଚଳ ଅନ୍ତର୍ଗତ ସୁନାବେଢା ବନ ସୁରକ୍ଷା ସମିତି ସଭାପତି ହରି ବୁରୁଡି, କାଲିମେଳା ବନାଞ୍ଚଳ ଅନ୍ତର୍ଗତ ଭେଙ୍କଟପଲ୍ଲୀ ବନ ସୁରକ୍ଷା ସମିତି ସଭାପତି ରାମ ଚନ୍ଦ୍ର କରାମ, ବାଲିମେଳା ବନାଞ୍ଚଳ ଅନ୍ତର୍ଗତ ଡାଇକ୍-୧ ବନ ସୁରକ୍ଷା ସମିତି ସଭାପତି ରଘୁ ପାଙ୍ଗୀଙ୍କୁ ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରତାପ କୋତା ପଲ୍ଲୀ ସେମାନଙ୍କ ଜଙ୍ଗଲ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରିଥିଲେ । ଏହା ବ୍ୟତିତ ମାଲକାନଗିରି ବନାଞ୍ଚଳର ବନରକ୍ଷୀ ବାସନ୍ତୀ ମାଡକାମୀ ଏବଂ ସାରୁ କଓ୍ୱାସୀ ଭୁବନେଶ୍ୱରର ଜୟଦେବ ଭବନ ଠାରେ ଅନୁଷ୍ଠିତ ବିଶ୍ୱ ବନ ଦିବସ-୨୦୨୩ ପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ଉତ୍ତମ ସେବା ପାଇଁ ପୁରସ୍କୃତ କରିଥିଲେ । ଆଜିର କାର୍ଯ୍ୟକ୍ରମକୁ ମାଲକାନଗିରି ବନାଞ୍ଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଷୋୟୀ ପରିଚାଳନା କରିଥିଲେ । ଏହି ଉତ୍ସବରେ ମାଥିଲି ରେଞ୍ଜର ବାସୁଦେବ ନାୟକ, ଚିତ୍ରକୋଣ୍ଡା ରେଞ୍ଜର ବଳରାମ ନାୟକଙ୍କ ସମେତ ସମସ୍ତ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ତେଲୁଗୁ ନବବର୍ଷ ଉଗାଦିକୁ ମହାଆଡମ୍ବରରେ ପାଳନ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାର ତେଲୁଗୁ ଭାଷା ଭାଷୀ ଲୋକ ପ୍ରାୟ ୧୮ଟି ଗ୍ରାମରେ ରହି ଆସୁଛନ୍ତି । ସେମାନେ ସ୍ୱାଧୀନତା ପରେ ବିଶାଖାପାଟଣା ଜିଲ୍ଲାରୁ ଅଲଗା ହୋଇ ବର୍ତମାନ ଓଡ଼ିଶା ର ମାଲକାନଗିରି ଜିଲ୍ଲାରେ ରହୁଛନ୍ତି । ଆଜି ମାଲକାନଗିରି ବ୍ଲକ ଗୋରା ଖୁଂଟା ପଂଚାୟତର ଏହି ତେଲୁଗୁ ଭାଷା ଭାଷୀ ଲୋକ ମାନେ ଏକତ୍ରିତ ହୋଇ ଜାତି ବର୍ଣ୍ଣ ଲିଙ୍ଗ ଧର୍ମ ସବୁ ଭୁଲି ସେମାନଙ୍କ ନବବର୍ଷ ଉଗାଦିକୁ ମହାଆଡମ୍ବରରେ ପାଳନ କରିଛନ୍ତି । ସକାଳୁ ସକାଳୁ ସ୍ନାନାଦି କର୍ମ ଶେଷ କରି ଘର ସାମନା ରେ ଗୋବର ଓ ଲାଲ୍ ମାଟି ଲେପନକରି ସେଥିରେ ରଙ୍ଗବେରଙ୍ଗ ଝୋଟି ଦେଇ ସଜାଇଥିଲେ । କଳସ ସ୍ଥାପନ ଦୀପ ଜାଳି ସୁବାସିତ ଧୂପ ଲଗାଇ ସୂର୍ଯ୍ୟ ନାରାୟଣଙ୍କୁ ସ୍ୱାଗତ କରିଥିଲେ । ପରେ ପ୍ରତ୍ୟେକ ଘର ନିକଟକୁ ଯାଇ ସେମାନଙ୍କୁ ନବ ବର୍ଷ ଉଗାଦି ର ଅଭିନନ୍ଦନ ଜଣାଇଥିଲେ । ପ୍ରତ୍ୟେକ ପରିବାର ନିଜ କ୍ଷମତା ମୁତାବକ ଚାଉଳ, ଡାଲି ଓ ପନିପରିବା ତଥା ଆର୍ଥିକ ସହଯୋଗରେ ସହଭୋଜିର ଆୟୋଜନ କରିଥିଲେ । ନବବର୍ଷ ର ମହତ୍ୱ, ପରିବେଶ ଉପରେ ପ୍ରଭାବ, ଆମ ଚାଷୀ ଭାଇ ଙ୍କ ସାଥି ବଳଦ ଓ ଗୋ ମାତାଙ୍କ ମହତ୍ୱ ବିଷୟରେ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ନିଜ ବକ୍ତବ୍ୟ ମାଧ୍ୟମରେ ଉପସ୍ଥାପନ କରିଥିଲେ । ବାଲ୍ମିକୀ ସମାଜର ପୁନଃଉତ୍ଥାନ, ପିଲାଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ଜାତି ପ୍ରମାଣପତ୍ର ପ୍ରଦାନ, ଆବାସିକ ଶିକ୍ଷା ପ୍ରଦାନ, ଜଙ୍ଗଲ ଜମି ପ୍ରଦାନ, ସରକାରୀ ଯୋଜନା ରେ ଭାଗିଦାରୀ, ସ୍ୱାବଲମ୍ବୀ ହେବା ନିମନ୍ତେ କୌଳିକ ଶିକ୍ଷାରୁ ଆଜି ସେମାନେ ବଂଚିତ ହୋଇଛନ୍ତି । ଏଣୁ ଏକତ୍ରିତ ହୋଇ ପ୍ରଶାସନକୁ ଜଣାଇବା ନିମନ୍ତେ ଅନୁରୋଧ କରିଥିଲେ । କୃଷ୍ଣବାଡା ଗ୍ରାମର ସଭାପତି ରାଜୁ ତୋକାଲି, ପୂର୍ବସରପଂଚ ବାଲୟା ଦୁଆରୀ, ପୂର୍ବତନ ସମିତି ସଭ୍ୟ ନାଗେଶ ଦୁଆରୀ ସଭାରେ ଉପସ୍ଥିତ ଥିଲେ । ବିଶେଷ ଅତିଥି ଭାବେ ରାମ କୃଷ୍ଣ ଚୌଧୁରୀ, ମାଲକାନଗିରି ରୁ ନିମନ୍ତ୍ରିତ ହୋଇଥିଲେ ।

## ଝୁଲନ୍ତା ଅବସ୍ଥାରେ ଯୁବକର ମୃତଦେହ ଉଦ୍ଧାର କଲା ପୋଲିସ

ଜୟପୁର, (ପି.ଏନ): ଜୟପୁର ଜଗନ୍ନାଥ ସାଗର ପିଏଚଡି ଅଫିସ ସମ୍ମୁଖରେ ଥିବା ବଟ ଗଛରୁ ଝୁଲନ୍ତା ଅବସ୍ଥାରେ ଥିବା ଏକ ଯୁବକର ମୃତଦେହକୁ ଜବତ କରିଛି ଟାଉନ ପୋଲିସ । ମୃତକ ଜଣକ ହେଉଛନ୍ତି ନବରଙ୍ଗପୁର ଖଣ୍ଡିଗୁଡା ଗ୍ରାମର କୈଳାଶ ଚାଲାଣ (୩୫) । ପୋଲିସ ସୁଚନା ଅନୁଯାଇ ବଟ ଗଛରେ ଶବ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ଜୟପୁର ଟାଉନ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଂଚି ଶବକୁ ଜବତ କରି ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଆଧାର କାର୍ଡ ଅପଡେସନ କରିବା ଜରୁରି : ଜିଲ୍ଲାବାସୀ ନିଜନିଜ ଆଧାର କାର୍ଡ ସଂଶୋଧନ କରାଇ ନିଅନ୍ତୁ : ଜିଲ୍ଲା ପ୍ରଶାସନ

ଗଂଜାମ, (ପି.ଏନ): ୟୁଆଇଡିଏଆଇଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ଜନ ସାଧାରଣ ନିଜନିଜର ଆଧାର କାର୍ଡ ଗୁଡିକ ବିନା ମୂଲ୍ୟରେ ଅପଡେସନ୍ କରାଇବା ଜରୁରୀ । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ୍ ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଓସ୍ୱାନ ଦ୍ୱାରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୧୫ ତାରିଖ ଠାରୁ ଏହି ଅପଡେସନ୍ କାର୍ଯ୍ୟ ଆରମ୍ଭ ହୋଇଛି ଯାହା ଆଗାମୀ ଜୁନ୍ ମାସ ୧୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ବିନା ମୂଲ୍ୟରେ ନିଜର ଆଧାର କାର୍ଡ ଅପଡେସନ୍ କରାଇ ନିଅନ୍ତୁ ବୋଲି ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଖେସ୍ ଜନସାଧାରଣଙ୍କୁ ଜଣାଇଥିଲେ । ଜନ ସାଧାରଣ ସେମାନଙ୍କର ଆଧାରକାର୍ଡ ଅପଡେସନ୍ ବିନା ମୂଲ୍ୟରେ ନିଜ ମୋବାଇଲ୍ ଦ୍ୱାରା କରାଇ ପାରିବେ । ଜିଲ୍ଲାରେ ନିୟୋଜିତ ଥିବା ସମସ୍ତ ଡାଟାଏଂଟ୍ରି ଅପରେଟର ମାନଙ୍କ ଠାରେ ମଧ ବିନା ମବଲ୍ୟରେ ଅପଡେସନ୍ କରିପାରିବେ । ସେବାକେନ୍ଦ୍ର ଗୁଡିକରେ ଜନ ସାଧାରଣ ୫୦ ଟଙ୍କା ଦେୟ ଦେଇ ଅପଡେସନ୍ କରାଇ ପାରିବେ । ନୂତନ ଭାବେ ଆଧାର କାର୍ଡ କରୁଥିବା ବ୍ୟକ୍ତି ବିଶେଷ ବିନା ମୂଲ୍ୟରେ ଆଧାର କାର୍ଡ ନିମନ୍ତେ ପଞ୍ଜିକରଣ କରାଇ ପାରିବେ । ଯେଉଁ ମାନେ ୧୦ ବର୍ଷ ପୂର୍ବରୁ ଆଧାରକାର୍ଡ କରିଛନ୍ତି ସେମାନଙ୍କ କାର୍ଡରେ ଥିବା ଭୂଲ ତଥ୍ୟକୁ ସଂଶୋଧନ କରାଇ ପାରିବେ ଏବଂ ଅପଡେସନ୍ କରି ପାରିବେ ତେବେ ଯାଇ ନିଜ ଆଧାର କାର୍ଡ ସଠିକ ହୋଇ ବଳବତର ରହିବ । ନିଜର ପରିଚୟ ପତ୍ର, ଠିକଣା ପ୍ରମାଣ ପତ୍ର ଅପଲୋଡ୍ କରିଲେହିଁ ଆଧାର କାର୍ଡର ତଥ୍ୟ ସଠିକ ହୋଇ ପାରିବ। ବର୍ତମାନ ପଂଚାୟତ ସ୍ତରରେ ଏହି କାର୍ଯ୍ୟ ଚାଲୁ ରହିଛି । ଯୋଗାଣ ସହାୟକଗଣଙ୍କ ତତ୍ୱାବଧାନରେ ପଞ୍ଚାୟତ ସ୍ତରରେ ନିଯୁକ୍ତ ଅପରେଟର ମାନଙ୍କ ଦ୍ୱାରା ଏହି କାର୍ଯ୍ୟ ଚାଲିଛି । ଜିଲ୍ଲାର ସମସ୍ତ ୫୯୭ ଗୋଟି ଗ୍ରାମ ପଂଚାୟତର ମୋ ସେବା କେନ୍ଦ୍ରରେ ଏହି କାର୍ଯ୍ୟ ତ୍ୱରାନ୍ୱୀତ ହେଉଛି । ବୈଠକରେ ଜନ ସାଧାରଣ କିଭଳି ନିଜ ନିଜ ମୋବାଇଲ ରେ ଦେୟମୁକ୍ତ ସେବା ନେଇ ଅପଡେସନ୍ କରିପାରିବେ ସେଥି ସକାଶେ ଏକ ଭିଡିଓ ପ୍ରଦର୍ଶନ କରାଯାଇ ସମସ୍ତ ବ୍ଲକ୍, ପଂଚାୟତରେ ଯୋଡି ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଜିଲ୍ଲାର ୩୬ ଲକ୍ଷ ଜନସାଧାରଣ ଥିବା ବେଳେ ତନ୍ମଧ୍ୟରୁ ୨୫ ଲକ୍ଷ ଲୋକଙ୍କ ଠାରେ ମୋବାଇଲ୍ ରହିଛି । ଆଧାର ଆପଡେସନ୍ ସକାଶେ ମୋବାଇଲ ନମ୍ବର ଜରୁରି । ଯେଉଁ ମାନଙ୍କର ମୋବାଇଲ ନମ୍ବର ବଦଳିଛି ସେମାନେ ଆଧାର କେନ୍ଦ୍ରକୁ ଯାଇ ନିଜର ମୋବାଇଲ ନମ୍ବର ସଂଯୋଗ କରି ଏହି ସେବା ଉପଲବ୍ଧ କରିପାରିବେ । ଜନ ସାଧାରଣଙ୍କ ଅବଗତି ସକାଶେ ସଚେତନ କାର୍ଯ୍ୟକୁ ବ୍ୟାପକ କରିବାକୁ କୁହାଯାଇଛି । ଦୈନିକ କେତେ ଅପଡେସନ୍ କରାଯିବ ତାହାର ଲକ୍ଷ୍ୟଧାର୍ଯ୍ୟ କରାଯାଇ ପ୍ରତ୍ୟେକ ଦିନର ତଥ୍ୟ ଅତିରିକ୍ତ ଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷାମୁଣ୍ଡା, ଜିଲ୍ଲା ମହିଳା ଓ ଶିଶୁ ବିକାଶ ଅଧିକାରୀ ଶୁଭଶ୍ରୀ ପାତ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କଲ୍ୟାଣୀ ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ବ୍ଲକ୍ ଶିକ୍ଷାଧିକାରୀ ସୀତାରାମ ପାତ୍ର, ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ପ୍ରବନ୍ଧକ ଗୁରୁ ପ୍ରସାଦ ଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୈବ ବିବିଧତା ପରିଚାଳନା ସମିତି ର ସଦସ୍ୟ ମାନଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ବଲାଙ୍ଗିର ,(ପି.ଏନ): ଓଡ଼ିଶା ଜୈବ ବିବିଧତା ବୋର୍ଡ ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓ ବଲାଙ୍ଗିର ଜିଲ୍ଲା ପ୍ରଶାସନ ର ଯୁଗ୍ମ ସହାୟତାରେ ବଲାଙ୍ଗିର ବରଗଡ଼ ଜିଲ୍ଲାର ୧୦୦ ଗୋଟି ଜୈବ ବିବିଧତା ପରିଚାଳନା ସମିତି ର ସଦସ୍ୟ ମାନଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବଲାଙ୍ଗିର ସାମ୍ବାଦିକ ଭବନ ଠାରେ ଆଜି ଅନୁଷ୍ଠିତ ହୋଯାଇଅଛି । ଏଥିରେ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା ଭା ପ୍ର ସେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜୈବ ବିବିଧତା ର ସଂରକ୍ଷଣ ଓ ସୁରକ୍ଷା ନେଇ ଜୈବ ବିବିଧତା ପରିଚାଳନା ସମିତିର ସଦସ୍ୟ ମାନଙ୍କର କର୍ତ୍ତବ୍ୟ ଓ ଦାୟୀ ତ୍ୱ ବିଷୟରେ ସାମ୍ୟକ ଧାରଣା ପ୍ରଦାନ କରିଥଲେ । ଗନ୍ଧମାର୍ଦ୍ଦନ ପର୍ବତକୁ ଜୈବ ବିବିଧତା, ଇତିହାସକ ସ୍ଥଳି ଘୋଷଣା ରେ ଜୈବ ବିବିଧତା ବୋର୍ଡ ର ମୁଖ୍ୟ ଭୂମିକାକୁ ସେ ସ୍ୱାଗତ କରି ଥିଲେ । ସମ୍ମାନନୀୟ ଅତିଥି ଭାବରେ ବଲାଙ୍ଗିର ବନଖଣ୍ଡ ଅଧିକାରୀ ନୀତିଶ କୁମାର ତାଙ୍କର ଅଭି ଭାଷଣ ରେ ଗନ୍ଧମାର୍ଦ୍ଦନ ର ଏତିହାସିକ ସ୍ଥଳି କୁ ସୁରକ୍ଷା ଓ ପରିଚାଳନା କରିବାରେ ଜୈବ ବିବିଧତା ସମିତି ମାନଙ୍କର ଭୂମିକା କୁ ଉଲ୍ଲେଖ କରିଥଲେ । ଜିଲ୍ଲା ଜଙ୍ଗଲ ମଂଚର ଅଧ୍ୟକ୍ଷ କୁଳମଣି ସାହୁ ଏହି କାର୍ଯକ୍ରମ କୁ ପରି ଚାଳନା କରିଥଲେ ।

## ହରିଚନ୍ଦନପୁର ବ୍ଲକରେ ଏଫଏଲଏନ ସ୍ୱେଚ୍ଛାସେବୀଙ୍କ ବିଶାଳ ସମାବେଶ

ହରିଚନ୍ଦନପୁର, (ପି.ଏନ): ହରିଚନ୍ଦନପୁର ବ୍ଲକରେ ଏଫଏଲଏନ ସ୍ୱେଚ୍ଛାସେବୀଙ୍କ ବିଶାଳ ସମାବେଶ ହୋଇଯାଇଛି । କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆସ୍ୱାୟାର ଆୟୋଜନରେ କାଦୁଅଡିହା ଆଇଟିସି କେନ୍ଦ୍ରରେ ବ୍ଲକ ସ୍ତରୀୟ ଏଫଏଲଏନ ସ୍ୱେଚ୍ଛାସେବୀଙ୍କୁ ଏକତ୍ରିତ କରି ସମ୍ବର୍ଦ୍ଧନା କରାଯାଇଥିଲା । ମୂଳ ସାକ୍ଷରତା ଏବଂ ସଂଖ୍ୟା(ଏଫଏଲଏନ) କାର୍ଯ୍ୟକ୍ରମ ମାଧ୍ୟମରେ ବ୍ଲକର ସମସ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାରେ ସହଯୋଗ କରି ଆସୁଛନ୍ତି । ଏଥିସହ ଆସ୍ୱାୟାର ପକ୍ଷରୁ ଯେଉଁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାରିବାରିକ ଆର୍ଥିକ ସ୍ଥିତି ଠିକ୍ ନାହିଁ କିମ୍ବା ସମସ୍ୟା ମଧ୍ୟରେ ଗତି କରୁଛନ୍ତି । ଉକ୍ତ ପିଲାଙ୍କୁ ପରୀକ୍ଷା ବୈତରଣୀ ପାର କରିବାକୁ ପଂଚାୟତ ଗୁଡ଼ିକରେ ସପୋର୍ଟ କ୍ଲାସ ଆରମ୍ଭ କରି ଶିକ୍ଷା ପ୍ରଦାନ କରି ଆସୁଥିଲେ । କାର୍ଯ୍ୟକ୍ରମରେ ଏଫଏଲଏନ ସ୍ୱେଚ୍ଛାସେବୀଙ୍କୁ ଏକତ୍ରିତ କରି ସମ୍ବର୍ଦ୍ଧିତ କରାଯାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ମନୋହରପୁର ଗ୍ରାମ ପଂଚାୟତ ସରପଂଚ ସୁରେଶ କୁମାର ନାଏକ ଯୋଗଦେଇ ସ୍ୱେଚ୍ଛାସେବୀଙ୍କର କାର୍ଯ୍ୟକୁ ପ୍ରଶଂସା କରି ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି କାଦୁଅଡିହା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ସାହୁ ଯୋଗଦେଇ ଏଫଏଲଏନ କାର୍ଯ୍ୟକ୍ରମରେ ଆସ୍ୱାୟାର ସ୍ୱଚ୍ଛେସେବୀଙ୍କ କାର୍ଯ୍ୟକୁ ସାଧୁବାଦ ଦେଇ ଶିକ୍ଷା ପ୍ରତି ନିଷ୍ଠାପର ହୋଇ କାର୍ଯ୍ୟ କରିବାକୁ କହିଥିଲେ । ଏଫଏଲଏନ ସ୍ୱେଚ୍ଛାସେବୀ ମାନେ ଅନୁଷ୍ଠାନରେ ଯୋଗଦେବା ପରେ ସେମାନେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଥିବା ସହିତ ପିଲାଙ୍କ ଓ ନିଜର ସଫଳତା ବାବଦରେ ଉପସ୍ଥାପନ କରିଥିଲେ । ଏଥିସହ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ୧୯୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜକ ଅଶୋକ କୁମାର ସାହୁ, ଶିକ୍ଷା ସଂଯୋଜକ ମଧୁ ସୁଦନ ମୁଣ୍ଡା, ବ୍ଲକ ଏମଆଇଏସ ପ୍ରସନ୍ନ କୁମାର ବେହେରା, ଅଙ୍ଗନୱାଡ଼ି ସଂଯୋଜକ ଗଦାଧର ମହାନ୍ତଙ୍କ ସମେତ ବ୍ଲକର ସମସ୍ତ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## ବିକଶିତ ଯାଜପୁର ଜିଲା ଚର୍ଚ୍ଚାରେ : ଠେଲାରେ ବୁହା ହୋଇ ମେଡିକାଲ ଆସିଲେ ଗୁରୁତର

ଧର୍ମଶାଳା, (ପି.ଏନ): ସରକାର ସ୍ୱାସ୍ଥ୍ୟ କ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି । ଏନେଇ ବିଭିନ୍ନ ଯୋଜନାମାନ ପ୍ରଣୟନ କରୁଛନ୍ତି । ତୁରନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଆମ୍ବୁଲାନ୍ସ ଯୋଗାଇ ଦେଇଛନ୍ତି । ହେଲେ ୧୦୮ ଆମ୍ବୁଲାନ୍ସ ସେବା କେତେ କାର୍ଯ୍ୟକରୀ ତାହା ଦେଖିବାକୁ ମିଳିଛି ଯାଜପୁର ଜିଲାରେ । ଯାହାକୁ ନେଇ ଏଭଳି ଘଟଣା ଆଜି ଚର୍ଚ୍ଚାର ବିଷୟ ପାଲଟିଛି ଯାଜପୁର ଜିଲା ଧର୍ମଶାଳା ଅଂଚଳରେ । ଆମ୍ବୁଲାନ୍ସ ନ ଆସିବାରୁ ପରିବାର ଲୋକେ ଜଣେ ମହିଳା ସଡକ ଦୁର୍ଘଟଣାରେ ଶିକାର ହୋଇ ଗୁରୁତର ହୋଇଥିଲେ । ତାଙ୍କୁ ମେଡିକାଲରେ ଭର୍ତି କରିବା ପାଇଁ ତାଙ୍କୁ ଏକ ଠେଲା ଗାଡିରେ ମେଡିକାଲକୁ ଆଣିବା ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି । ମିଳିଥିବା ସୂଚନା ମୁତାବକ, ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା କୁମାରୀ ଅଂଚଳର ଅରଣ୍ୟ ଗୁଇଁଙ୍କ ପତ୍ନୀ ଗେଡି ଗୁଇଁ(୪୭) ଆଜି ଭୋର ସମୟରେ ଶୌଚ ହେବା ପାଇଁ ୧୬ ନଂ ଜାତୀୟ ରାଜପଥ ପରି ହେଉଥିଲେ । ସେହି ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଗେଡି ଗୁରୁତର ହୋଇ ରାସ୍ତା ଉପରେ ପଡି ରହିଥିଲେ । ଏହାକୁ ଦେଖି ଜାତୀୟ ରାଜପଥ କଡରେ ରହୁଥିବା ପରିବାର ଲୋକେ ଏହି ଖବର ପାଇ ୧୦୮ ଆମ୍ବୁଲାନ୍ସକୁ ଫୋନ କଲ କରିଥିଲେ । ତେବେ ପରିବାର ଲୋକେ ବହୁ ସମୟ ଅପେକ୍ଷା କରିଥିଲେ । ବହୁ ସମୟ ଅପେକ୍ଷା ପରେ ଆମ୍ବୁଲାନ୍ସ ନ ଆସିବାରୁ ଗୁରୁତର ଅବସ୍ଥାରେ ଏକ ଠେଲାରେ ପକାଇ ପରିବାର ଲୋକେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାକୁ ନେଇ ପରିବାର ଲୋକେ ଆମ୍ବୁଲାନ୍ସ ସେବା ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଥି ପାଇଁ ପତ୍ନୀର ଜୀବନ ଗଲା ବୋଲି ଅଭିଯୋଗ କରିଛନ୍ତି । ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଆରମ୍ଭ କରିଛି । ଏକ ଅପମୃତ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ବିକାଶ ପାଇଁ ଯାଜପୁର ଜିଲା ସବୁବେଳେ ଚର୍ଚ୍ଚାରେ ରହି ଆସୁଛି । ମାଳମାଳ ଯୋଜନା ସାଂଗକୁ ମନୋରଂଜନ କ୍ଷେତ୍ରରେ ଚର୍ଚ୍ଚାରେ ରହିଥିବା ଏହି ଯାଜପୁର ଆଜି ଏଭଳି ଠେଲାରେ ଗୁରୁତର ଅବସ୍ଥାରେ ଜଣେ ମହିଳାଙ୍କୁ ବୁହା ହୋଇ ଆସିବା ଘଟଣାକୁ ନେଇ ଏବେ ସାଧାରଣରେ ଆଲୋଚନା ହେଉଛି । ମାଳମାଳ ଆମ୍ବୁଲାନ୍ସ ଠିକ୍ ସମୟରେ କାମରେ ଆସୁ ନାହିଁ । ଏଭଳି ଅଭାବନୀୟ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଘୋର ନିନ୍ଦା କରାଯାଇଛି ।



ଓଡ଼ିଶା ଷ୍ଟେଟ କୋ-ଅପରେଟିଭ ହାଉସିଂ କର୍ପୋରେସନ ଲିଃ.ର ନବନିର୍ବାଚିତ ସଭାପତି ବିଶ୍ୱରଞ୍ଜନ ମହାନ୍ତିଙ୍କୁ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ହୃଷୀକେଶ ମହାନ୍ତି, ସଭାପତି ସଞ୍ଜୟ କୁମାର ଦାସ ଓ କୋଷାଧକ୍ଷ ପ୍ରଦ୍ୟୁମ୍ନ କୁମାର ଦାସ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି

## ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି । ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା । ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି । ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ । ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି । ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା । ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ । ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା ।

## ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର । ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ୍ୟ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ । ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ । ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ୍ୟ ନାହିଁ । କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ । ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ । ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




# ବିଶ୍ୱାସ ଯେଉଁଠି ପ୍ରେମ ସେଇଠି

***ତୁମେ ଯଦି ତୁମ ହୃଦୟ ମନ୍ଦିରରେ ମୋର ଦୈବତ୍ୱ ପ୍ରତି ଅଚଞ୍ଚଳ ବିଶ୍ୱାସକୁ ସ୍ଥିର ରଖିପାର ତେବେ ମୋର ସ୍ୱସ୍ୱରୂପ ଦର୍ଶନ ପାଇପାରିବ। କିନ୍ତୁ ତୁମେ ଯଦି ଘଣ୍ଟାର ଦୋଳକ ପରି ଥରେ ଭକ୍ତି ଓ ଥରେ ଅବିଶ୍ୱାସ ମଧ୍ୟରେ ଝୁଲୁଥାଅ, ତେବେ କେବେ ମୋର ସତ୍ୟକୁ କଳନା କରି ସେଥିରୁ ଲବ୍ଧ ଆନନ୍ଦ ପାଇପାରିବ ନାହିଁ। -ବାବା***



ଏ ମୋର ପିତା, ଏ ମୋର ଜନ୍ମଦାତ୍ରୀ ମାତା ଏହାକୁ ବିଶ୍ୱାସ କରିବା ପାଇଁ ଆମେ କୌଣସି ଚାକ୍ଷୁସ ପ୍ରମାଣ ଖୋଜିନେ। ତାଙ୍କର ଅନାବିଳ ପ୍ରେମର ସ୍ପର୍ଶ ଓ ଛାୟାର ବେଷ୍ଟନୀରେ ଯେବେ ଆମେ ବଢ଼ିଚାଲୁ ଆମର ବିଶ୍ୱାସ ଆମର ଶ୍ୱାସ ଭଳି ଅଟଳ ହୋଇଉଠେ। ସେ ବିଶ୍ୱାସ ପ୍ରଶ୍ନର ବହୁତ ଉର୍ଦ୍ଧ୍ୱରେ। ପରମପିତା ଏ ସୃଷ୍ଟିର ସର୍ଜନା କରିବା ସଂକଳ୍ପ ତାଙ୍କ ପ୍ରେମରୁ ଫୁଟି ଉଠିଥିଲା। ଭଗବାନ ବାବା କୁହନ୍ତି - ମୁଁ ପ୍ରେମର ଆନନ୍ଦ ପାଇବା ପାଇଁ ନିଜକୁ ନିଜଠାରୁ ଅଲଗା କଲି ଓ ମଣିଷକୁ ସୃଷ୍ଟି କଲି। ଏ ଦୁନିଆରେ ଆମେ ପ୍ରେମକୁ ଯେଉଁ ରୂପରେ ଦେଖୁ ସେ ସବୁ କେବଳ ସେ ପରମ ପ୍ରେମର ଏକ ଆଂଶିକ ପ୍ରତିଫଳନ ମାତ୍ର। ତାକୁ ଆମେ କେତେବେଳେ ମା'ର ମମତାରେ ଦେଖୁ ତ କେବେ ସ୍ତ୍ରୀ ପୁରୁଷର ଆକର୍ଷଣରେ। କେବେ ତାହା ମୋହର ରୂପ ନିଏ ତ କେବେ ଧନ ଲୋଭର। ସେ ଯାହା ହେଉନା କାହିଁକି, ଯେଉଁଠି ବି ପ୍ରେମର ସମ୍ପର୍କ ଗଢ଼ିଉଠେ ସେଠି ବିଶ୍ୱାସ ପ୍ରେମକୁ ପୁଷ୍ଟ କରିଥାଏ। ଯେତେବେଳେ ବିଶ୍ୱାସର ଅଭାବ ଦେଖାଦିଏ ସେତେବେଳେ ସମ୍ପର୍କ ପ୍ରତି ବିପଦ ଆସିଥାଏ। ଯଦି ଭୌତିକ ଜଗତର ଏ ସତ୍ୟକୁ ଆମେ ମାନିନେଉ, ତାହେଲେ ଅନୁଶୀଳନ କରିବାର କଥା, ଯେଉଁ ପରମପିତା ପ୍ରେମର ଶକ୍ତିରେ ଏ ଜଗତକୁ ସୃଷ୍ଟି କରିଛନ୍ତି, ସବୁଥିରେ ନିଜକୁ ଅବସ୍ଥାପିତ କରିଛନ୍ତି ତଥା ଚଳତ୍କ୍ଷମ କରିଛନ୍ତି ତାଙ୍କ ପ୍ରତି ଆମ ବିଶ୍ୱାସ କେତେ ଗଭୀର ଓ ଅଟଳ ହେବା ଆବଶ୍ୟକ! ବିଶ୍ୱାସର ଚେର ସେତିକି ଗଭୀର ଓ ଦୃଢ଼ ନହେଲେ ସେ ଦିବ୍ୟ ପ୍ରେମକୁ ଆସ୍ୱାଦନ କରିବା ଓ ଅମୃତୋପମ ସେ ପ୍ରେମର ବାରିଧିରେ ଅବଗାହନ କରିବା ସହଜ ନୁହେଁ। ସେ ଆମର ସୃଷ୍ଟିର କାରଣ, କାଳ ଗର୍ଭରେ ଲୁକ୍‌କାୟିତ ଆମର ଭୂତ ଭବିଷ୍ୟ ସବୁ ବିଷୟରେ ଅବଗତ। ଅଥଚ ଆମର ବିଶ୍ୱାସ ତାଙ୍କ ପ୍ରତି ସବୁବେଳେ ଦୋଳାୟିତ। ଭଗବାନ ମଧ୍ୟ ଭକ୍ତର ବିଶ୍ୱାସକୁ ସ୍ଥିର ଅଟଳ କରିବା ପାଇଁ ପ୍ରେମବଶତଃ ତାର ପରୀକ୍ଷା ନେଇଥାନ୍ତି। ଯେମିତି ଆମେ କାହ୍ନରେ କ୍ଷାଟିଏ ପିଟିବା ପରେ ତାକୁ ଦୋହଲାଇ ପରୀକ୍ଷା କରିଥାଉ। ଈଶ୍ୱରଙ୍କର ଏସବୁ ପରୀକ୍ଷା ଉଦ୍ଦିଷ୍ଟ କେବଳ ଭକ୍ତର ହୃଦୟରେ ବଢୁଥିବା ବିଶ୍ୱାସର ବୃକ୍ଷକୁ ସୁଦୃଢ଼ କରିବା ପାଇଁ ଯାହା ଜୀବନର ସବୁ ଝଡ଼ ଝଞ୍ଜାକୁ ପ୍ରତିହତ କରିବାର ଶକ୍ତି ରଖିପାରିବ। ଆଧାତ୍ମିକ ମାର୍ଗରେ ଯେତେବେଳେ ସାଧକ ଅନୁଭବ କରିପାରେ ଯେ ଭଗବାନ ତାକୁ ସବୁବେଳେ ଜଗି ରହିଛନ୍ତି, ଆଖିକୁ ଆଖିପତା ଜଗି ରହିଥିବା ଭଳି ସେତେବେଳେ ତା'ର ବିଶ୍ୱାସ ଓ ବିଶ୍ୱାସ ଜନିତ ପ୍ରେମ ସଫଳତା ଲାଭ କରେ। ତା'ଭିତରୁ ଦ୍ୱନ୍ଦ, ଭୟ, ଅନିଶ୍ଚିତତା ଅପସରିଯାଏ ଓ ପ୍ରଭୁ ପ୍ରେମରେ ଅବଗାହନ କରି ସେ ପ୍ରଶାନ୍ତି ଲାଭ କରେ। ପ୍ରେମ ଆଉ ବିଶ୍ୱାସ ପରସ୍ପରର ପରିପୂରକ। ଯେ କୌଣସି ସମ୍ପର୍କର ସୃଷ୍ଟି ବିଶ୍ୱାସରୁ ହିଁ ହୋଇଥାଏ। ଆଉ ଯେଉଁଠି ବିଶ୍ୱାସ ଥାଏ ସେଠି ପ୍ରେମ ବସା ବାନ୍ଧେ। ବିଶ୍ୱାସ ଆଉ ପ୍ରେମର ସମନ୍ୱୟ ସୃଷ୍ଟି କରେ ଏକ ଭକ୍ତର ପରିଚୟ। ଏ ବିଶ୍ୱାସ ଏକ ସରଳ ହୃଦୟ ପାଇଁ ସୁବୋଧ ହୋଇଥାଏ। ଜିଜ୍ଞାସୁର ଏକ ସରଳ ହୃଦୟରେ ବିଶ୍ୱାସ ବାସ କରେ। ଯୁବକ ନରେନ୍‌ର ମଧ୍ୟ ଏକ ସରଳ ଓ ଜିଜ୍ଞାସୁ ହୃଦୟ ଥିଲା। ଯେତେବେଳେ ସେ ରାମକୃଷ୍ଣଙ୍କୁ ପ୍ରଶ୍ନ କଲା 'ତୁମେ କଣ ମା'ଙ୍କୁ ଦେଖିଛ' - ତତ୍‌କ୍ଷଣାତ ରାମକୃଷ୍ଣ କହିଥିଲେ, 'ହଁ ଦେଖିଛି ଯେମିତି ଏବେ ତୋତେ ଦେଖୁଛି।' ରାମକୃଷ୍ଣଙ୍କର ଏଇ ପଦକ କଥା ନରେନକୁ ବିବେକାନନ୍ଦରେ ରୂପାନ୍ତରିତ କରିଥିଲା। ହଜାର ହଜାର ଜିଜ୍ଞାସୁ ଭଗବାନ ବାବାଙ୍କ ପାଖକୁ ସାତ ଦରିଆ ପାରି ହୋଇ ବିଦେଶରୁ ଆସୁଥିଲେ। ସେମାନଙ୍କର ସେଇ ଗୋଟିଏ ଜିଜ୍ଞାସା ଥିଲା। ଅନେକ କଷ୍ଟ ସ୍ୱୀକାର କରି ସେମାନେ ଆସୁଥିଲେ, ଦିନ ଦିନ ଧରି ପୁଟ୍ଟପର୍ତ୍ତୀ ଗ୍ରାମରେ ରହୁଥିଲେ ଓ ତୃପ୍ତ ହୋଇ ଯାଉଥିଲେ ପରମାତ୍ମାଙ୍କ ସାକାର ରୂପ ଦର୍ଶନ କରି ଏକ ଆଶ୍ୱାସନା ନେଇ ଯେ ଦୁନିଆର ଯେଉଁଠି ଥିଲେ ବି ସ୍ୱାମୀ ତାଙ୍କ ସାଥିରେ ରହିଥିବେ।

ଆମେ ସମସ୍ତେ ତାଙ୍କ କାଣିଚାଏ ପ୍ରେମ ପାଇଁ ତୃଷାର୍ତ୍ତ। କିଏ ନ ଚାହେଁ ତାଙ୍କୁ ପ୍ରେମ ନ ଦେବାକୁ ଓ ତାଙ୍କ ପ୍ରେମ ନ ପାଇବାକୁ। ହେଲେ ସେଥିପାଇଁ କେବଳ ଆବଶ୍ୟକ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ତାଙ୍କ ଉପରେ, ତାଙ୍କ ବାର୍ତ୍ତା ଉପରେ। ସେ ଆମକୁ ଦେଇଯାଇଥିବା ଅମର ବାର୍ତ୍ତାକୁ ଆମେ ଯେତେବେଳେ ଆମ ଜୀବନ ଓ ଜୀବନୀର ଅନ୍ତସ୍ରୋତ କରିପାରିବା ସେତେବେଳେ ବିଭୁପ୍ରେମ ଆମ ଆଡ଼କୁ ଅବାରିତ ଭାବେ ଝରି ଆସିବ। ସେହି ଲକ୍ଷ୍ୟରେ ଆମ ପାଇଁ ସ୍ୱାମୀ ତାଙ୍କ ହାତଗଢ଼ା ଏ ସଂଗଠନ ଦେଇଛନ୍ତି। ଏଥିରେ ନିଜକୁ ନିମଗ୍ନ କରି ତାଙ୍କ ବାର୍ତ୍ତାକୁ ଆମେ ଆମ ଜୀବନରେ ପ୍ରତିଫଳିତ କରିପାରିବା ଓ ଦେବ ଦୁର୍ଲଭ ଭଗବତ୍ ପ୍ରେମକୁ ଉପଭୋଗ କରିପାରିବା। ପ୍ରେମ ଯଦି ସୌନ୍ଦର୍ଯ୍ୟ ଓ ସୁଗନ୍ଧଭରା ଏକ ପୁଷ୍ପମାଲ୍ୟ ହୁଏ ତେବେ ବିଶ୍ୱାସ ତାକୁ ଧରି ରଖିଥାଏ ସୁତାଖିଅ ପରି। ବିଶ୍ୱାସ ଏପରି ଏକ ଅଦୃଶ୍ୟ ନୀରବ ସାଧନା ଯାହା ପ୍ରେମକୁ ଦୀପ୍ତିମନ୍ତ କରିଥାଏ। ଏଭଳି ପ୍ରେମ ଭକ୍ତିର ଔଜଲ୍ୟ ଦେଖିବାକୁ ମିଳିଥିଲା ଋଷିପୁତ୍ର ମାର୍କଣ୍ଡେୟଙ୍କ ଠାରେ। ମହାମୁନିଙ୍କ ପୁତ୍ର ମାର୍କଣ୍ଡେୟ ଧର୍ମନିଷ୍ଠ ହେଲେ ବି ଅଳ୍ପାୟୁଷ ଥିବାରୁ ତାଙ୍କ ପିତାମାତା ବିଷର୍ଣ୍ଣ ଥିଲେ। ପିତାମାତାଙ୍କୁ ଉଦାସୀନ ଦେଖି ମାର୍କଣ୍ଡେୟ କାରଣ ଜିଜ୍ଞାସା କରିବାରୁ ସେମାନେ କହିଲେ ହେ ପ୍ରିୟପୁତ୍ର ତୁମକୁ ୧୧ ବର୍ଷ ହେବାକୁ ବସିଲାଣି। ଆଉ ଗୋଟିଏ ବର୍ଷ ହିଁ ତୁମର ଆୟୁଷ। ତୁମକୁ ହରାଇବାର ଦୁଃଖରେ ଆମେ ମ୍ରିୟମାଣ ହୋଇପଡୁଛୁ। ପିତାମାତାଙ୍କର ଶୋକ ନିବାରଣ ପାଇଁ ମାର୍କଣ୍ଡେୟ ଶିବଲିଙ୍ଗକୁ ଆଲିଙ୍ଗନ କରି ମହା ମୃତ୍ୟୁଞ୍ଜୟ ମନ୍ତ୍ର ଭକ୍ତି ଓ ବିଶ୍ୱାସର ସହିତ ଜପ କରିବାକୁ ଲାଗିଲେ। ତାଙ୍କର ମୃତ୍ୟୁ ସମୟ ଉପଗତ ହୁଅନ୍ତେ ଯମଦୂତ ମାତେ ତାଙ୍କୁ ନେବାପାଇଁ ଆସିଲେ କିନ୍ତୁ ବିଫଳ ହେଲେ। ଯେତେବେଳେ ସ୍ୱୟଂ ଯମରାଜ ଆସି ବଳପୂର୍ବକ ତାଙ୍କୁ ନେବାକୁ ବାହାରିଲେ ପରମେଶ୍ୱର ନିଜେ ଆବିର୍ଭୂତ ହେଲେ ଓ ତାଙ୍କର ପ୍ରିୟ ମାର୍କଣ୍ଡେୟଙ୍କୁ ରକ୍ଷା କରିବା ପାଇଁ ଯମରାଜଙ୍କୁ ଯୁଦ୍ଧର ଆହ୍ୱାନ ଦେଲେ। ଯମରାଜ ବିନୟ ଭରେ କହିଲେ ପ୍ରଭୋ! ମୁଁ ତ ଆପଣଙ୍କ ନିୟମକୁ ପାଳନ ମାତ୍ର କରିଛି। ଆପଣ ହିଁ ତ ଏ ବାଳକକୁ ୧୨ ବର୍ଷର ଆୟୁ ପ୍ରଦାନ କରିଥିଲେ। ଶିବ କହିଲେ ସେ ମୋର ଭକ୍ତ। ମୋ ଭକ୍ତକୁ ରକ୍ଷା କରିବା ପାଇଁ ମୋ ଦ୍ୱାରା ସୃଷ୍ଟ ନିୟମ ଭାଙ୍ଗିବାକୁ ବି ପ୍ରସ୍ତୁତ ଏବଂ ପ୍ରେମ ପରବଶ ହୋଇ ସେ ମାର୍କଣ୍ଡେୟଙ୍କୁ ୧୨ ବର୍ଷ ସ୍ଥାନରେ ୧୨ କଳ୍ପର ଆୟୁଷ ପ୍ରଦାନ କରିଥିଲେ।

**ନାରାୟଣ ପ୍ରସାଦ ସର, ସଭାପତି,** ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, ଦୂରଭାଷ: ୯୪୩୮୧୮୨୪୮୯

## ରାଷ୍ଟ୍ରୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଉତରପ୍ରତାପ ପଂଚାୟତ ନରସିଂହପୁରସ୍ଥିତ ଶ୍ରୀ ଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟ ରାଷ୍ଟ୍ରୀୟ ସେବା ଯୋଜନାର ଶୀତକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି । କଲେଜ୍ ପରିଚାଳନା କମିଟି ସଭାପତି ଡ. ଚିତରନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ କଲେଜ୍ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ । ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ମୁଖ୍ୟଅତିଥି, ସମାଜସେବୀ ଜଳଧର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ, ସମିତିସଭ୍ୟା କ୍ଷୀରାବ୍ଧି ତନୟା ମଲିକ, ସାମାଜିକ କର୍ମୀ ଦେବବ୍ରତ ରାଉତ, ବରୁଆଁ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ସେବା ମାଧ୍ୟମରେ ଉତମ ନାଗରିକ ଓ ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଂଚ ଭୀମସେନ ତରାଇ, ସୁଧାଂଶୁ ମୋହନ ସାହୁ, ଦାମୋଦର ପଣ୍ଡା, ନାଏବ୍ ସରପଂଚ ବିଦ୍ୟୁତ୍‌ଲତା ଦାସ, ଅଧ୍ୟାପକ ଗିରିଧାରୀ ପଣ୍ଡା, ଗୌରୀଶଙ୍କର ମିଶ୍ର, ସୁରେଶ ଲେଙ୍କା, ଅଧ୍ୟାପିକା ମନ୍ଦାକିନୀ ରାଉତ, ଅଣଶିକ୍ଷକ କର୍ମଚାରୀ ପ୍ରଶା' କୁମାର ପଣ୍ଡା, ହେମ' କୁମାର ଦାସ, ଅଜୟ ତରାଇ ଓ ଉଦୟ ତରାଇ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଅଧିକାରୀ ସୁବାସ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ପ୍ରମିଳା ଦାସ ଧନ୍ୟବାଦ ଦେଇଥିଲେ ।

## ଧର୍ମଶାଳା ସାହିତ୍ୟ ସମାଜର ବର୍ଷପୂର୍ତ୍ତି କବିତା ପାଠୋତ୍ସବ



ଧର୍ମଶାଳା (ପିଏନ୍): ଧର୍ମଶାଳା ସାହିତ୍ୟ ସମାଜର ବର୍ଷପୂର୍ତ୍ତି କବିତା ପାଠୋତ୍ସବ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ସାହିତ୍ୟିକ ଡକ୍ଟର ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଅଧାପକ ଦାମୋଦର ବେହେରା ଓ ପ୍ରାଧାପକ ମନୋରଂଜନ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ସ୍ୱାଇଁ ଶିବବନ୍ଦନା ଉଚ୍ଚାରଣ କରିଥିଲେ । ଅନ୍ୟତମ କାର୍ଯ୍ୟକାରୀ ସଭାପତି କାହ୍ନୁଚରଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବେଣୁଧର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସଂପାଦକ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ନାଟ୍ୟକାର ନବଘନ ଜେନାଙ୍କ 'ଟୋପାଏ ସିନ୍ଦୂର ଦିପଟ ଶଙ୍ଖା' ନାଟକ ପୁସ୍ତକକୁ ଅତିଥିମାନଙ୍କୁ ଲୋକାର୍ପଣ କରାଯାଇଥିଲା। ଶ୍ରୀ ଜେନା ନାଟ୍ୟ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। ସାହିତ୍ୟିକ ଅର୍ଜୁନ ପୃଷ୍ଟି ପୁସ୍ତକର ସମୀକ୍ଷା କରିଥିଲେ। ଚଳିତ ବର୍ଷରର ଅନ୍ନପୂର୍ଣ୍ଣା ସ୍ମୃତି ସମ୍ମାନ ଅଧାପିକା ଲିପ୍ସା ପଟେଲଙ୍କୁ ପ୍ରଦାନ କରାଯାଇଥିଲା। ଜୟଶ୍ରୀ ସ୍ୱାଇଁ ମାନପତ୍ର ମାନପତ୍ର ପାଠ କରିଥିଲେ। ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ସବିତା ମିଶ୍ର, ଅର୍ଜୁନ ପୃଷ୍ଟି ଓ ପ୍ରମିଳା ପ୍ରତାପ କବିତା ସଂଯୋଜନା କରୁଥିଲେ। ଏହି ଉତ୍ସବରେ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ଡ. ଚନ୍ଦ୍ରକାନ୍ତ ମହାନ୍ତି, ସଂଗ୍ରାମ କେଶରୀ ଜେନା, ବିଦ୍ୟୁତଲତା ଦାସ,ପ୍ରଫୁଲ୍ଲ କୁମାର ସ୍ୱାଇଁ, ଭୁବନ ମହାନ୍ତି, ଅଖିଳ କୁମାର ସ୍ୱାଇଁ, ପ୍ରହଲ୍ଲାଦ ପଣ୍ଡା, ଯୁଗଳ କିଶୋର ଦାସ ଓ ଜୟଶ୍ରୀ ସ୍ୱାଇଁ ପ୍ରମୁଖ କବିତା ପାଠ କରିଥିଲେ।

# ଓଡ଼ିଶାର ଅବହେଳିତ ଚାଷୀ

ଭୁବନେଶ୍ୱର (ପିଏନ୍): କୃଷି ପ୍ରଧାନ ରାଜ୍ୟ ଭାବେ ଓଡ଼ିଶା ବେଶ୍ ପରିଚିତ। ଏହି ରାଜ୍ୟ ସମୁଦାୟ ଜନସଂଖ୍ୟାର ୮୩ପ୍ରତିଶତ ଲୋକ ଗାଁଗଣ୍ଡାରେ ରହୁଥିବାରୁ ସେମାନଙ୍କ ଭିତରୁ ଖୁବ୍ କିଛି ଲୋକଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ କୃଷି ହେଉ ବା କୃଷିକୁ ନେଇ ଆନୁସଙ୍ଗିକ ବୃତ୍ତି ଦ୍ୱାରା ପରିବାର ପ୍ରତିପୋଷଣ କରିଥାନ୍ତି। ଆଉ କେହି କେହି କୃଷିଭିତ୍ତିକ ବେପାର ବଣିଜ ଶିଳ୍ପ ଉପରେ ନିର୍ଭର କରି ରୋଜଗାରକ୍ଷମ ହୋଇଥାନ୍ତି। ଆମ ରାଜ୍ୟର ସମୁଦାୟ ତିନିଚତୁର୍ଥାଂଶ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଏହି କୃଷିକୁ ନେଇ ହିଁ ସେମାନଙ୍କ ମୁଖ୍ୟ ଜୀବନ ଜୀବିକା। କିନ୍ତୁ ଦିନକୁ ଦିନ ଓଡ଼ିଶାର ଚଷା ପୁଅଙ୍କ ଭାତହାଣ୍ଡି ଉଜୁଡ଼ିବାକୁ ଯାଉଛି। ଶିଳ୍ପାୟନ ନାମରେ ସବୁଜ ଚାଷ ଜମି ଉପରେ ପ୍ରକାଣ୍ଡକାୟ ବଡ଼ ବଡ଼ ଅଟ୍ଟାଳିକା ଗଢ଼ି ଉଠୁଛି। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ଭାବରେ ବନ୍ୟା ହେଉ ବା ବାତ୍ୟା ବା ଫାଇଲିନ୍ ପରି ଧୂମକେତୁ କୁହାଯାଉଥିବା ମହାବାତ୍ୟା ଓଡ଼ିଶାର ଚଷାପୁଅର ଆଣ୍ଠୁ ହାଡ଼ ଭାଙ୍ଗି ଦେଉଛି। ଦିନକୁ ଦିନ ସରକାରୀ ସ୍ତରରେ କୃଷି ପାଇଁ ବିଭିନ୍ନ ସହଯୋଗ ଓ ସହାୟତା ବୃଦ୍ଧି ପାଉଛି ସତ କିନ୍ତୁ ବାସ୍ତବରେ ତାହା ତଳମୁଣ୍ଡରେ ଥିବା ଚଷାପୁଅଟି ପାଇବାକୁ ଅଧିକାଂଶ କ୍ଷେତ୍ରରେ ସକ୍ଷମ ହେଉନାହିଁ। କୁହାଯାଏ ଯେ ଓଡ଼ିଶା ଦରିଦ୍ର ହେବାର ମୂଳ କାରଣ ହେଲା ଚାଷ ଓ ଚାଷୀମାନଙ୍କ ବିକାଶ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉନାହିଁ। ବୃହତ୍ ଶିଳ୍ପ ତିଆରି କରି ସରକାର ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେଇଯିବା ପାଇଁ ଯୋଜନା କରୁଥିଲେ ବି ସେହି ତୁଳନାରେ କୃଷିକୁ ଆଡ଼ ଆଖିରେ ଚାହୁଁନଥିବାର ଅଭିଯୋଗ ବିଭିନ୍ନ ସମୟରେ ହୋଇଥାଏ। ଆମ ଭାରତରେ କର୍ଣ୍ଣାଟକ ଉପରେ ସରକାର ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିଥିଲେ ଯାହାଦ୍ୱାରା ଓଡ଼ିଶା ହେଉଛି ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତିରେ ଭାରତରେ ଦ୍ୱିତୀୟ। କିନ୍ତୁ କର୍ଣ୍ଣାଟକ ବ୍ୟତୀତ ମଧ୍ୟପ୍ରଦେଶ ଓ ଛତିଶଗଡ଼ ସରକାର ଏହାର ଯଥେଷ୍ଟ ପୂର୍ବରୁ ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିସାରିଛନ୍ତି। କେବଳ କୃଷି ବଜେଟ ପ୍ରଣୟନ କରିଦେଲେ ହେବ ନାହିଁ। ଏହା ପାଇଁ ବ୍ୟବସ୍ଥା ହୋଇଥିବା ସ୍ୱତନ୍ତ୍ର କୃଷି ଶିଳ୍ପାଞ୍ଚଳ ପ୍ରତିଷ୍ଠା କରି କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ପାଇଁ ପ୍ରୋତ୍ସାହନ ଦେବା ଜରୁରୀ। ପ୍ରକୃତ ପକ୍ଷେ ପ୍ରତି ଜିଲ୍ଲାରେ କୃଷି ଶିଳ୍ପାଞ୍ଚଳ ପ୍ରତିଷ୍ଠା କରାଯାଇ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉ । ଏପରି କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ଦିଆଯାଉ ଯାହାଫଳରେ ସେ ଅଞ୍ଚଳରେ ଉତ୍ପାଦିତ ହେଉଥିବା କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ କରାଯାଇ ମୂଲ୍ୟଯୁକ୍ତ ହୋଇପାରିବ। ଗତ ଫାଇଲିନ୍ ଓ ପରବର୍ତ୍ତୀ ସମୟରେ ବନ୍ୟା ତଥା ମୂଷଳ ଧାରାରେ ବର୍ଷା ହେବା ଦ୍ୱାରା ଆମ ରାଜ୍ୟର ଅଠରଟି ଜିଲ୍ଲାର ଏଗାରଲକ୍ଷ ହେକ୍ଟର ଜମିର ଧାନ ଫସଲ ନଷ୍ଟ ହେବାବେଳେ ସଇଁତିରିଶ ହଜାର ହେକ୍ଟର ଜମିରେ ଚାଷ ହୋଇଥିବା ପନିପରିବା ନଷ୍ଟ ହୋଇଛି। କିନ୍ତୁ ପରବର୍ତ୍ତୀ ସମୟରେ ଚାଷୀକୁ ଯଥେଷ୍ଟ ପରିମାଣରେ ସହାୟତା ମିଳିପାରିଲା ନାହିଁ । ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ବିଜୁ କୃଷକ କଲ୍ୟାଣ ଯୋଜନାରେ ଏବେ ଚାଷୀମାନଙ୍କୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରାଯାଉଛି । ସେହିପରି ନିକଟରେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ସାଜିଥିବା ଆଳୁ କଥା ବିଚାର କରାଯାଉ। ଆମ ରାଜ୍ୟରେ ଆଳୁ ଉତ୍ପାଦନ ପାଇଁ ଜଳବାୟୁ ଓ ମୃତ୍ତିକା ଅନୁକୂଳ ଥିଲେ ବି ଆମ ରାଜ୍ୟରେ ମାତ୍ର ଦୁଇଲକ୍ଷ ଟନ ଉତ୍ପାଦନ ହେଉଛି। ଯେଉଁଠି ଆବଶ୍ୟକ ରହିଛି ନଅଲକ୍ଷ ଟନ। ଆଳୁ ଚାଷର ପ୍ରସାର ନ ହେବାର ବଡ଼ କାରଣ ହେଲା ରାଜ୍ୟରେ ଶୀତଳ ଭଣ୍ଡାରର ଅଭାବ। ଯାହାଦ୍ୱାରା ପଡ଼ୋଶୀ ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଖି ଦେଖାଇ ଦାଦାଗିରି କରିବାକୁ ସାହାସ କରିପାରିଛନ୍ତି। ବର୍ତ୍ତମାନ ସୁଦ୍ଧା ଆଳୁ ଠାରୁ ପନିପରିବା କ୍ଷେତ୍ରରେ ଆମ ରାଜ୍ୟ ନିଜେ ସ୍ୱାବଲମ୍ବୀ ହୋଇପାରିନାହିଁ। ଯାହାଦ୍ୱାରା ପଡ଼ୋଶୀ ଉତ୍ପାଦିତ ରାଜ୍ୟମାନେ ଅଧିକାଂଶ ସମୟରେ ସେମାନଙ୍କ ନାଲି ଆଖି ଆମକୁ ଦେଖାଇ ପାରୁଛନ୍ତି କେବଳ ଫସଲ ଉତ୍ପାଦନ ପାଇଁ ଚାଷୀକୁ ପଇସା ଗୁଞ୍ଜିଦେଲେ ଚଳିବ ନାହିଁ ନିୟମିତ ଭାବରେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ଚାଷୀକୁ ସହାୟତା ଦେବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଇଆଡ଼େ ଗୋଦାମ ଘର ନଥିବାରୁ ଫସଲ ବାହାରେ ପଡ଼ି ଖତ ଖାଉଛି ଯାହାକି ବିଭିନ୍ନ ସମୟରେ ଗଣମାଧ୍ୟମର ପ୍ରମୁଖ ଖବର ଭାବେ ପ୍ରକାଶ ପାଉଛି। ଚାଷୀକୁ ନେଇ ଗର୍ବ କରୁଥିବା ଚଷାପୁଅର ଭେଣ୍ଡିଆ ପୁଅମାନେ ଆଉ କିନ୍ତୁ ଚାଷବାସକୁ ବନ କରୁନାହାନ୍ତି ଏହାର ବଡ଼ କାରଣ ହେଉଛି ସେମାନେ ଚାଷକୁ ନେଇ ନିଜ ଜୀବନ ଜୀବିକା ଗଢ଼ିବା ପାଇଁ ସାହସ କୁଳାଇ ପାରୁନାହାନ୍ତି। ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଠାରୁ ପଶ୍ଚିମବଙ୍ଗ ଛୋଟ ରାଜ୍ୟ ଛତିଶଗଡ଼ ଠାରୁ ମହାରାଷ୍ଟ୍ର ବା କର୍ଣ୍ଣାଟକ ଏସବୁ ରାଜ୍ୟରେ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ସମସ୍ତ ସହାୟତା ସୁଯୋଗ ମିଳୁଥିବାରୁ ଚାଷ ପ୍ରତି ସେ ରାଜ୍ୟରେ ଆଗ୍ରହ ବୃଦ୍ଧି ପାଉଛି। ପଡ଼ୋଶୀ ଛତିଶଗଡ଼ ସରକାର ଧାନ କ୍ୱିଣ୍ଟାଲ ପିଛା ତିନିଶହ ଟଙ୍କା ବୋନସ ଦେଉଥିବାବେଳେ ମଧ୍ୟପ୍ରଦେଶ ସରକାର ଗହମ କ୍ୱିଣ୍ଟାଲ ପିଛା ଦେଢ଼ଶହ ଟଙ୍କା ବୋନସ ଦେଉଛନ୍ତି ଏ ସମୟରେ ଓଡ଼ିଶା ସରକାର କ୍ୱିଣ୍ଟାଲ ପିଛା ଶହେ ଟଙ୍କା ବୋନସ ଦେବେ ବୋଲି କହିଛନ୍ତି। ସେହିପରି କର୍ଣ୍ଣାଟକ ସରକାର ଦୁଗ୍ଧ ଚାଷୀମାନଙ୍କୁ ଲିଟର ପିଛା ଚାରିଟଙ୍କା ବୋନସ ଦେଉଛନ୍ତି କିନ୍ତୁ ଆମ ରାଜ୍ୟରେ ଉତ୍ପାଦନ ବୃଦ୍ଧି ପାଇଁ ଏହି ଚାଷୀଙ୍କୁ ବୋନସ ଦିଆଯାଇ ପାରୁନାହିଁ। ଏହିପରି ଅଭିଯୋଗ ଲେଖିଲେ ଲେଖାର କଳେବର ଯାହା ବୃଦ୍ଧି ପାଇବ ସରକାର ଦୂରଦୃଷ୍ଟିର ସହ ଚାଷୀଙ୍କ ସର୍ବବିଧ ଉନ୍ନତି ପାଇଁ ସହାୟତା ଯୋଗାଇଲେ ଓଡ଼ିଶା ନିଜ କୃଷିକୁ ନେଇ ନିଶ୍ଚିତ ଭାବରେ ଆଗୁଆ ରାଜ୍ୟ ଭାବରେ ପରିଗଣିତ ହେବ।

***—ଧର୍ମଶାଳା ମହୋତ୍ସବର ନବମ ସନ୍ଧ୍ୟା—***

# ପ୍ରଭୁପାଦ ଓ ଲୋପାମୁଦ୍ରାଙ୍କ ଗୀତରେ ଦର୍ଶକ ବିଭୋର





ଧର୍ମଶାଳା (ପିଏନ୍): ଜାରକା ମେଳଣ ପଡ଼ିଆରେ ଚାଲିଥିବା ୧୮ତମ ଧର୍ମଶାଳା ମହୋତ୍ସବର ନବମ ସନ୍ଧ୍ୟାରେ କଣ୍ଠଶିଳ୍ପୀ ପ୍ରଭୁପାଦ ମହାନ୍ତି ଓ ଲୋପାମୁଦ୍ରା ଦାସ ନାଇଟ୍ ସଂଗୀତ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର ହୋଇ ଯାଇଥିଲେ। ଉଭୟ କଣ୍ଠଶିଳ୍ପୀ ଓ ସାଥୀଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ଓଡ଼ିଆ ଓ ହିନ୍ଦି ଗୀତରେ ଉପସ୍ଥିତ ଯୁବକମାନେ ନାଚୁଥିବା ଦେଖିବାକୁ ମିଳିଥିଲା। ମହୋତ୍ସବ ପଡ଼ିଆରେ ସବୁବର୍ଗର ଲୋକଙ୍କୁ ଆକର୍ଷଣ କରିବା ପାଇଁ ଭଳିକି ଭଳି ଦୋକାନ ବଜାର ଖୋଲାଯାଇଛି। ମହୋତ୍ସବ ସରି ଆସୁଥିବାରୁ ପଡ଼ିଆରେ ପ୍ରବଳ ଭିଡ଼ ବଢ଼ିବାରେ ଲାଗିଛି। ଦିନ ୧୧ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଲୋକମାନେ ମହୋତ୍ସବ ଉପଭୋଗ କରୁଛନ୍ତି । ଫାଷ୍ଟଫୁଡ୍ ଓ ଚଟ୍‌ପଟି ଖାଦ୍ୟ ସମସ୍ତଙ୍କର ପସନ୍ଦଯୋଗ୍ୟ ହେଉଛି । ହରେକ୍ ମାଲ୍ ଓ ମନୋହରି ଦୋକାନରେ ଯୁବତୀ ଓ ମହିଳାଙ୍କ ଭିଡ଼ ଲାଗିରହିଥିବା ବେଳେ ଦୋଳି ନିକଟରେ ପିଲାମାନଙ୍କର ଗହଳି ହେଉଛି । ଆୟୋଜକ ଧର୍ମଶାଳା ମହୋତ୍ସବ ପୂଜା କମିଟିର ସଭାପତି ଜଳଧର ମହାନ୍ତି, ସଂପାଦକ ସତ୍ୟପ୍ରିୟ ମହାନ୍ତି, ଉପସଭାପତି ଇନ୍ଦ୍ରମଣି ନାୟକ, ସହସଂପାଦକ ଆନନ୍ଦ ବିହାରୀ ନାୟକ, କୋଷାଧ୍ୟକ୍ଷ ସୁଦୀପ୍ତ କୁମାର ସ୍ୱାଇଁ, ବରିଷ୍ଠ ସଦସ୍ୟ ରାଜକୁମାର ଶତପଥୀ, କିଶୋର ନାୟକ, ଅନିରୁଦ୍ଧ ରାଉତ, ସବ୍ୟସାଚୀ ବେହେରା, ଜଳଧର ସାହୁ, ରାମଚନ୍ଦ୍ର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ସୁଦାମ ଚରଣ ବେହେରା, ବିଚିତ୍ର ସ୍ୱାଇଁ, ଅଜୟ ନାୟକ, କ୍ଷୀରୋଦ ଚନ୍ଦ୍ର ମୁଦୁଲି, ମଦନ ମୋହନ ନାୟକ, ନିର୍ମଳ ପ୍ରଧାନ, ଆକୁଳି ସ୍ୱାଇଁ, ରବିନାରାୟଣ ସାହୁ, ପ୍ରତାପ କୁମାର ପ୍ରଧାନ, ମନୋଜ ଦାସ, ମାନସ ମହାନ୍ତି, କାଶିନାଥ ସାହୁ, ସବ୍ୟସାଚୀ ସୁନ୍ଦରାୟ, ଧରଣୀ ମହାନ୍ତି, ଗଙ୍ଗାଧର ମହାରଣା, ରବୀନ୍ଦ୍ର ମହାନ୍ତି, ଧନେଶ୍ୱର ସାହୁ, ପ୍ରମୋଦ ଜେନା, ପ୍ରଫୁଲ୍ଲ କୁମାର ସାହାଣି, ଅନ' ପ୍ରଧାନ ପ୍ରମୁଖ ଉତ୍ସବ ପରିଚାଳନା କରୁଛନ୍ତି। ଆସ'ାକାଲି ଦଶମ ସନ୍ଧ୍ୟାରେ ମହୋତ୍ସବ ମଂଚରେ କଣ୍ଠଶିଳ୍ପୀ ସତ୍ୟଜିତ ଜେନା ନାଇଟ୍ ସଂଗୀତ କାର୍ଯ୍ୟକ୍ରମ ପରିବେଷିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ଧର୍ମଶାଳା ମହୋତ୍ସବର ଅଷ୍ଟମ ସନ୍ଧ୍ୟାରେ ଅସମ୍ଭବ ଭିଡ଼



ଧର୍ମଶାଳା (ପିଏନ୍): ନୂଆବର୍ଷର ପ୍ରଥମ ଦିନ ହୋଇଥିବାରୁ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଖଚାଖଚ ଭିଡ଼ । ସ୍ଥାନୀୟ ପୁଲିସ୍ ଓ ଆୟୋଜକ ଧର୍ମଶାଳା ମହୋତ୍ସବ ପୂଜା କମିଟି କର୍ମକର୍ତାମାନଙ୍କ ପକ୍ଷରେ ଭିଡ଼ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡ଼ିଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମର ଅଷ୍ଟମ ସଂଧ୍ୟାରେ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି ଓ ସାଥୀମାନଙ୍କ ସଂଗୀତ କାର୍ଯ୍ୟକ୍ରମକୁ ଶ୍ରୋତା ଭରପୁର ଉପଭୋଗ କରିଥିଲେ । ଓଡ଼ିଆ ଓ ହିନ୍ଦି ଚଳଚ୍ଚିତ୍ରର ବିଭିନ୍ନ ଗୀତର ତାଳେ ତାଳେ କେତେକ ଦର୍ଶକ ନାଚୁଥିବା ଦେଖିବାକୁ ମିଳିଥିଲା । ଲୋକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହିତ ବିଭିନ୍ନ ଷ୍ଟଲ୍‌ରୁ ମନପସନ୍ଦର ସାମଗ୍ରୀ କିଣାକିଣି କରୁଥା'ନ୍ତି । ମେଳାରେ କାଇଁଚ, ଝୋଟ, ବେତ, କାଠ, ବାଉଁଶ, ପ୍ରସ୍ତର ଓ ଧାନରୁ ପ୍ରସ୍ତୁତ ଘରକରଣା ସାମଗ୍ରୀ ସାଙ୍ଗକୁ ଚାନ୍ଦୁଆ, ଟେରାକୋଟା ଆଦି ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ବେପାର ଜମିଥିବା ଦେଖିବାକୁ ମିଳିଛି । କମିଟି ସଭାପତି ଜଳଧର ମହାନ୍ତି, ଉପସଭାପତି ଇନ୍ଦ୍ରମଣି ନାୟକ, ସଂପାଦକ ସତ୍ୟପ୍ରିୟ ମହାନ୍ତି, ସହସଂପାଦକ ଆନନ୍ଦ ବିହାରୀ ନାୟକ, କୋଷାଧ୍ୟକ୍ଷ ସୁଦୀପ୍ତ କୁମାର ସ୍ୱାଇଁ, ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ମଲ୍ଲିକ, କିଶୋର ନାୟକ, ଅନିରୁଦ୍ଧ ରାଉତ, ଅଜୟ ନାୟକ, ବିଚିତ୍ର କୁମାର ସ୍ୱାଇଁ, କ୍ଷୀରୋଦ ଚନ୍ଦ୍ର ମୁଦୁଲି, ସବ୍ୟସାଚୀ ବେହେରା, ଆକୁଳି ସ୍ୱାଇଁ, ରବିନାରାୟଣ ସାହୁ, ଅନନ୍ତ ଚରଣ ପ୍ରଧାନ, ପ୍ରମୋଦ ରାଉତଙ୍କ ସମେତ ସମସ୍ତ ସଦସ୍ୟମାନେ ଉତ୍ସବ ପରିଚାଳନା କରୁଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାଦିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧ୍ୟକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

# ବଲାଙ୍ଗିର ରେ ଜିଲ୍ଲା ସ୍ତରୀୟ ବିଶ୍ୱ ବନ ଦିବସ ପାଳିତ 'ବନ ଓ ସ୍ୱାସ୍ଥ୍ୟ' ଆଲୋଚନା

ବଲାଙ୍ଗିର ,(ପି.ଏନ): ବିଶ୍ୱ ବନ ଦିବସ ୨୦୨୩ ପାଇଁ ବନ ଏବଂ ସ୍ୱାସ୍ଥ୍ୟ ବିଷୟବସ୍ତୁ ଭାବରେ ବଲାଙ୍ଗୀର ବନ ବିଭାଗ ୨୧ ମାର୍ଚ୍ଚ ୨୦୨୩ ରେ ଏକ ବ୍ୟାପକ ଉତ୍ସବ ମାଧ୍ୟମରେ ମାନବଙ୍କ ସ୍ୱାସ୍ଥ୍ୟ ତଥା କଲ୍ୟାଣରେ ଜଙ୍ଗଲ ଦ୍ୱାରା ପରିଚାଳିତ ସେବାକୁ ପ୍ରଚାର କରି ବାୟୁକୁ ଶୁଦ୍ଧ କରି ଜଳବାୟୁ ବିପଦକୁ ହ୍ରାସ କରି ଏହି ଉତ୍ସବକୁ ଅମଳ କରିଛି । ଶ୍ରୀ ଚଞ୍ଚଳ ରଣା, ଆଇଏଏସ୍, କଲେକ୍ଟର ଏବଂ ଡିଏମ୍, ବଲାଙ୍ଗୀର; ଶ୍ରୀ ନିତିନ କୁଶଲକର, ଆଇପିଏସ୍, ବଲାଙ୍ଗୀର; ପୃଥିବୀକୁ ଜୀବଜନ୍ତୁଙ୍କ ପାଇଁ ଉପଯୁକ୍ତ ଗ୍ରହରେ ପରିଣତ କରିବା ପାଇଁ ଜଙ୍ଗଲ ଏବଂ ପରିବେଶକୁ ସ୍ଥାୟୀ ଉପାୟରେ ବଜାୟ ରଖିବାରେ ନାଗରିକ ତଥା ଜନସାଧାରଣଙ୍କ ବିଭିନ୍ନ ଦାୟିତ୍ୱ ଉପରେ ଶ୍ରୀ ନୀତୀଶ କୁମାର, ଆଇଏଫଏସ, ଡିଏଫଓ, ବଲାଙ୍ଗୀର ଆଲୋକିତ କରିଛନ୍ତି। ଜିଲ୍ଲା ବନ ଅଧିକାରୀ, ବଲାଙ୍ଗୀର ସମାଜର ସମସ୍ତ କୋଣ ଅନୁକୋଣରୁ ଜଙ୍ଗଲ ଏବଂ ଉଦ୍ଭିଦକୁ ମାନବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାର ପ୍ରାକୃତିକ ଆରୋଗ୍ୟକାରୀ ଭାବରେ ପରିବେଶ ସହିତ ମୁକାବିଲା କରିବା ସମୟରେ ଆମ ଆଚରଣ ଏବଂ ଅଭ୍ୟାସରେ କିଛି ମିନିଟ୍ ପରିବର୍ତ୍ତନ ମାଧ୍ୟମରେ ଏକ ସାମୂହିକ ପ୍ରୟାସ ପାଇଁ ଅନୁରୋଧ କରିଥିଲେ । ସଫଳ ଗ୍ରାମ ପଞ୍ଚାୟତ ଏବଂ ଅନୁଷ୍ଠାନ ଗୁଡ଼ିକ, ରାଜ୍ୟ ଜଙ୍ଗଲ ପୁରସ୍କାର ୨୦୨୩ ପାଇଁ ରାଜ୍ୟ ଜଙ୍ଗଲ ପୁରସ୍କାର ପାଇଁ ବିଚାର କରାଯାଇଥିବା ପ୍ରତ୍ୟେକ ଉପ-ଡିଭିଜନରୁ ଗୋଟିଏ, ଟ୍ରଫି, ନଗଦ ପୁରସ୍କାର ରାଶି ସହିତ ସୁବିଧା କରାଯାଇଛି ।ଏହି ଦିନକୁ ଅଧିକ ସ୍ମରଣୀୟ କରିବା ପାଇଁ ବଲାଙ୍ଗୀର ବନ ବିଭାଗ ମଧ୍ୟ ସ୍କାଉଟିଙ୍ଗ୍ ଏବଂ ଉଲ୍ଲେଖନୀୟ ପାରମ୍ପରିକ ଜ୍ଞାନର ଡକ୍ୟୁମେଣ୍ଟେସନ୍ ଉପରେ ଏକ କର୍ମଶାଳା କୁ ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନରେ ସହଯୋଗ କରିଛି। ଏହି ଦିନ ଜିଲ୍ଲାର ପ୍ରାୟ ୩୫ ଟି ସ୍ଥାନୀୟ ବୈଦ୍ୟ ଏବଂ ପ୍ରାକୃତିକ ଆରୋଗ୍ୟକାରୀ କର୍ମଶାଳାରେ ଅଂଶଗ୍ରହଣ କରିଛନ୍ତି, ପ୍ରାକୃତିକ ଔଷଧୀୟ ବୃକ୍ଷ, ଶାଳ, ଉଦ୍ଭିଦ, ଅଂଶ, ମୂଳ, ଏବଂ ଗୁଳି ସହିତ ଆରୋଗ୍ୟ ରୋଗ ବିଷୟରେ ସେମାନଙ୍କର ଜ୍ଞାନ ଏବଂ ଅଭିଜ୍ଞତା ବାଣ୍ଟିଛନ୍ତି ଏବଂ ଏନ୍.ଆଇ.ଏଫ୍ ର ବୈଜ୍ଞାନିକମାନଙ୍କ ସହିତ ଘଟଣାଗୁଡ଼ିକୁ ଡକ୍ୟୁମେଣ୍ଟ୍ କରିଛନ୍ତି । ଡିଏଫଓ, ବଲାଙ୍ଗୀର ବୈଦ୍ୟ ଏବଂ ପ୍ରାକୃତିକ ଆରୋଗ୍ୟକାରୀଙ୍କୁ ଔଷଧୀୟ ଉଦ୍ଭିଦ, ଅଂଶ, ମୂଳ, ଏବଂ ଶୃଙ୍ଖଳା ଫସଲର ବ୍ୟବହାର, ସଂରକ୍ଷଣ ଏବଂ ନିରନ୍ତର ଅମଳର ପ୍ରଚାର କରିବାକୁ ଅନୁରୋଧ କରିଥିଲେ ଏବଂ ସେହି ସମୟରେ ଏହି ପ୍ରସଙ୍ଗରେ ସମସ୍ତ ପ୍ରକାର ସମର୍ଥନ ନିଶ୍ଚିତ କରିଥିଲେ।

# ମହିଳା ଜୀବିକା ସୁରକ୍ଷା ମଂଚ ପକ୍ଷରୁ ଗଣ ଆନ୍ଦୋଳନ

କନ୍ଧମାଳ ,(ପି.ଏନ): କନ୍ଧମାଳ ଜିଲ୍ଲାର ଫୁଲବାଣୀ ବ୍ଲକର ବିଭିନ୍ନ ଗ୍ରାମ ରୁ ମହିଳା ଜୀବିକା ସୁରକ୍ଷା ମଞ୍ଚ ଲୋକ ସଂଗଠନ ରଣ ସଦସ୍ୟ /ସଦସ୍ୟା ଏକାଠି ହୋଇ , ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରବୀଣ କୁମାର ବାଣୁଆ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓଡିଶା ଙ୍କୁ ଫୁଲବାଣୀ ବ୍ଲକର ଥିବା ବିଭିନ୍ନ ଗ୍ରାମର ପିଇବା ପାଣି ର ସମସ୍ୟା ସହିତ ଅନ୍ୟାନ୍ୟ ସ୍ଥାନୀୟ ସମସ୍ୟା ସମାଧାନ ନିମନ୍ତେ ଆଜି ଏକ ସର୍ଭେ ରିପୋର୍ଟ ସଂଗଠନ ମାଧ୍ୟମରେ ପ୍ରଦାନ କରାଯାଇଥିଲା ।ସେହି ରିପୋର୍ଟ ଅନୁସାରେ ଆଜି ପର୍ଯ୍ୟନ୍ତ ବିଶେଷ କିଛି ଗ୍ରାମ ରେ ଆଖି ଦୃଶ୍ୟା ସମସ୍ୟା ର ସମାଧାନ ହୋଇ ପାରି ନ ଥିବା ଦେଖିବା କୁ ମିଳିଛି. ତେଣୁ ଆଜି ସଂଗଠନ ଏହି ପାନୀୟ ଜଳ ସମସ୍ୟା ଯଥା, ଅଚଳ ନଳକୂଅ ମରାମତି, ଅଚଳ ଷ୍ଟାଣ୍ଡ ପୋଷ୍ଟ କୁ ସଚଳ କରିବା, ଆବଶ୍ୟକ ଗାଁ କୁ ନୂଆ ନଳ କୂପ,ଏବଂ ସୋଲାର ନଳକୂଅ ମଞ୍ଜୁରୀ କରିବା, ସହିତ ଅତି ଜରୁରୀ ଗ୍ରାମ କୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ସହିତ ଅନେକ ଅଙ୍ଗନ ୱାଡି କେନ୍ଦ୍ର ରେ ଆବଶ୍ୟକ ଭିତ୍ତି ଭୂମି ସହିତ କିଶୋରୀ ବାଳିକା ମାନଙ୍କ କୁପୋଷଣ ଦୂର କରିବା ଆଦି ସମସ୍ୟା ର ସ୍ଥାୟୀ ସମାଧାନ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କୁ ଉଦ୍ଦେଶ୍ୟରେ ଏକ ମେମୋରାଣ୍ଡମ ପ୍ରଦାନ କରିଛନ୍ତି । ଏବଂ ପ୍ରଶାସନ କୁ କଡା ଚେତାବନୀ ଦେଇଛନ୍ତି ଯେ ଆଗାମୀ ଦିନରେ ଯଦି ସରକାର ପାନୀୟ ଜଳ ର ସମସ୍ୟା ପ୍ରତି ଗୁରୁତ୍ୱ ନ ଦିଅନ୍ତି ତେବେ ସଂଗଠନ ତାର ଅନିର୍ଦ୍ଧିଷ୍ଟ କାଳ ପାଇଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖୀନ ରେ ଗଣ ଧାରଣା ଦେବ ବୋଲି ନିଷ୍ପତ୍ତି ନେଇ ପାରେ ବୋଲି, ମହିଳା ଜୀବିକା ସୁରକ୍ଷା ମଞ୍ଚ ର ସଭାନେତ୍ରୀ ଏବଂ ସମ୍ପାଦକ ମତ ପ୍ରକାଶ କରିଛନ୍ତି। କାରଣ ସ୍ୱାଧୀନତା ତାର ୭୫ ବର୍ଷ ପର୍ଦ୍ଦେ ଗ୍ରାମଞ୍ଚଳ ର ଅତି ଆବଶ୍ୟକ ମୌଳିକ ସୁବିଧା ପାଇ ବାରେ ବଞ୍ଚିତ ଅଛନ୍ତି । ଆଜିର ଏହି ବିରାଟ ଗଣ ରାଲି ରେ ଫୁଲବାଣୀ ବ୍ଲକର ମହିଳା ଜୀବିକା ସୁରକ୍ଷା ମଞ୍ଚ ର ସଭାନେତ୍ରୀ ଶ୍ରୀମତୀ ସୁମତି ମୁଖି ସମ୍ପାଦକ, ତପସିନି ମୁଖି , ମାନିନି ବେହେରା ଭାରତି ରାଓ ,ସୁଚିତ୍ରା ଦିଗାଲ ଶହ ଶହ ମହିଳା ଓ ପୁରୁଷ ଯୋଗ ଦେଇଥିବା ଦେଖିବା କୁ ମିଳିଛି।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ମକଦମପଡା ଶିଶୁମନ୍ଦିରରେ ''ନବବର୍ଷ-ବର୍ଷ ପ୍ରତିପଦା'' ପାଳିତ

ବଲାଙ୍ଗିର,(ପି.ଏନ): ବଲାଙ୍ଗୀର, ଆଜି କଦମପଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ' ହିନ୍ଦୁ ନବବର୍ଷ-ବର୍ଷ ପ୍ରତିପଦା' ଉତ୍ସବ ପାଳନ କରାଯାଇଛି । ଏଥିରେ ବଲାଙ୍ଗୀର ନଗରର ପ୍ରତିଷ୍ଠିତ ବ୍ୟବସାୟୀ ତଥା ରା.ସ୍ୱ.ସଂ.ର ନଗର ଶାରୀରିକ ପ୍ରମୁଖ ସୌମ୍ୟରଂଜନ ମିଶ୍ର ଦୀପପ୍ରଜ୍ୱଳନ ପୂର୍ବକ ଶୁଭ ଉଦଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସୁବ୍ରତ ବେହେରା ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ପରେ ସ୍ୱାଗତ ସଙ୍ଗୀତ ପରିବେଷଣ ଛାତ୍ରୀ ରାଜନନ୍ଦିନୀ ବେହେରା,ରେଶ୍ମା ମେହେର, ସ୍ନେହାଞ୍ଜଳୀ ପଣ୍ଡା,ଅରୋସ୍ମିତା ଦେବୀ ମହାପାତ୍ର,ସାକ୍ଷୀପ୍ରଜ୍ଞା ନାଏକ,ପ୍ରତିଭା ସାହୁ,ପ୍ରିୟଙ୍କା ସାହୁ ଓ ଭାଗ୍ୟଶ୍ରୀ ମହାପାତ୍ର ଗାନ କରିଥିଲେ । ଏହାପରେ ଗୁରୁମା ରଶ୍ମିପ୍ରଭା ନାୟକଙ୍କ ନେତୃତ୍ୱରେ ସମସ୍ତେ ସାମୁହିକ ଭାବେ ଭାରତମାତାଙ୍କୁ ଆଳତି ପ୍ରଦାନ କରିଥିଲେ । ମୁଖ୍ୟଅତିଥି ନିଜର ବକ୍ତବ୍ୟ ଦେଇ କହିଥିଲେ ଯେ, ନିଜକୁ ହିନ୍ଦୁତ୍ୱନିଷ୍ଠ ବ୍ୟକ୍ତି ରୂପେ ଗଢି ତୋଳିବା ସହ ହିନ୍ଦୁ ନବବର୍ଷକୁ ଆଡମ୍ବର ସହ ପାଳନ କରିବା । ଶିଶୁବକ୍ତା ରୂପେ ଦେବାଶିଷ ମିଶ୍ର,ହର୍ଷିତା ସିଂ,ପ୍ରିୟଙ୍କା ମହାପାତ୍ର, ସ୍ମୃତିଶାରଳା ପଣ୍ଡା ନିଜ ନିଜ ବକ୍ତବ୍ୟମାନ ରଖିଥିଲେ । ତାପରେ ଗୁରୁଜୀ ସୁଶୀଳ ହୋତା ଆଜି ଦିନଟିର ମହତ୍ତ୍ୱ ପ୍ରତିପାଦନ କରିଥିଲେ । ଶେଷରେ ସମସ୍ତଙ୍କ ଉଦ୍ଦେଶ୍ୟରେ ଗୁରୁଜୀ ରାମକୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟାନ୍ୟ ମଂଚାସୀନ ଅତିଥିଙ୍କ ମଧ୍ୟରେ ବିଦ୍ୟାଳୟର କୋଷାଧ୍ୟକ୍ଷ ସତ୍ୟାନନ୍ଦ ଷଡଙ୍ଗୀ,ସଦସ୍ୟ ସନାତନ ଠାକୁର ,ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଉପସ୍ଥିତ ଥିଲେ । ଶେଷରେ ବନ୍ଦେମାତରଂ ଗାନ ପରେ ସମସ୍ତ ଛାତ୍ରଛାତ୍ରୀ 'କ୍ଷୀରି' ପ୍ରସାଦ ସେବନ କରିଥିଲେ । ଏହିପରି ସମସ୍ତ ଗୁରୁଜୀ/ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତା ସହ ସମାପ୍ତ ହୋଇଥିଲା ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସର୍ଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

## ରେଡକ୍ରସ ପକ୍ଷରୁ ଦୁଇ ଦିନିଆ ତାଲିମ ଶିବିର ଉଦଘାଟିତ

କନ୍ଧମାଳ ,(ପି.ଏନ): ଫୁଲବାଣୀ ର ଏ ଜେ ଓ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଜୁନିଅର ରେଡକ୍ରସ ର ଦୁଇ ଦିନିଆ ଶିକ୍ଷା ଓ ତାଲିମ୍ ଶିବିର ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ରାଜ୍ୟ ରେଡକ୍ରସ ଶାଖା ରୁ ସରୋଜ କାନ୍ତ ରଥ ,ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଖଜୁରୀପଡା ବିନୋଦ ବିହାରୀ ଦିଗାଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଫିରିଙ୍ଗିଆ ଅଶୋକ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଫୁଲବାଣୀ ଶ୍ରୀ ରଞ୍ଜନ କୁମାର କହ୍ନର, ଏ ଜେ ଓ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ରଙ୍କନିଧି ବେହେରା ଆଦି ଯୋଗଦାନ କରିଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ୧୫୦ ଜଣ ଶିକ୍ଷାର୍ଥୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଶିକ୍ଷକ ବିନୋଦ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୨୨ ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଶିକ୍ଷାର୍ଥୀ ମାନଙ୍କୁ ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତା ସମ୍ପର୍କିତ ଅନେକ ତାଲିମ୍ ପ୍ରଦାନ କରାଯିବ। ଏହା ସହ ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା, ଖେଳ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଏ ଜେ ଓ ଉଚ୍ଚ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମ ଆୟୋଜନ ରେ ସହଯୋଗ କରିଥିଲେ।

## ଟିପ୍ପର ଧକ୍କା ରେ ୬ ମଇଁଷି ମୃତ

ମାଲକାନଗିରି, (ପି.ଏନ): ମାଲକାନଗିରି ୩୨୬ ନଂ ଜାତୀୟ ରାଜପଥରେ ଟିପ୍ପର ଗାଡ଼ି ଧକ୍କାରେ ୬ ମଇଁଷି ମୃତ୍ୟୁ ବରଣ କରିଥିବାବେଳେ ଗୋଟିଏ ମଇଁଷି ଗୁରୁତର ଆହତ ହୋଇଛନ୍ତି। ମାଲକାନଗିରି ସଦର ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତ ସୋରିଷମାଳା ଗ୍ରାମ ନିକଟ ରାଜରାସ୍ତା ଉପରେ ଟିପ୍ପର ଧକ୍କାରେ ମଇଁଷି ମରି ପଡିଥିବା ଆଜି ସକାଳୁ ଦେଖିବାକୁ ମିଳିଥିଲା । ସୂଚନା ଅନୁଯାୟୀ ଗତକାଲି ରାତିରେ ଏକ ଟିପର ଗାଡି ନଂୟୁ ପି ୫ ୨ ଟି ୮ ୦୭ ୯ ଦ୍ରୁତ ଗତିରେ ମୁଖ୍ୟ ରାସ୍ତା ଦେଇ ଆସୁଥିବା ସମୟରେ ରାସ୍ତା ଉପରେ ଛିଡ଼ା ହୋଇଥିବା କିଛି ମଇଁଷିଙ୍କୁ ଧକ୍କା ଦେଇଥିଲା ଯାହା ଫଳରେ ଘଟଣା ସ୍ଥଳରେ ୬ ଟି ମଇଁଷି ଙ୍କ ମୃତ ହେବା ସହ ଗୋଟିଏ ମଇଁଷି ଗୁରୁତର ଅବସ୍ଥାରେ ରାସ୍ତା କଡ଼ରେ ପଡିରହିଥିଲା।

# ପଚ୍ଚାମୁଣ୍ଡାଇ ଦୂର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

ପଚ୍ଚାମୁଣ୍ଡାଇ,(ପିଏନ)- ସଂପ୍ରତି ଆଗାମୀ ଶାରଦୀୟ ଦୂର୍ଗାପୂଜା ଉତ୍ସବ ପାଳନ ପାଇଁ ପଚ୍ଚାମୁଣ୍ଡାଇ ଦୂର୍ଗାପୂଜା ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ପଚ୍ଚାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରିଙ୍କ ପୌରହିତ୍ୟରେ ପଚ୍ଚାମୁଣ୍ଡାଇ ପଚାଂୟତ ସମିତି ସଭାଗୃହରେ ଆୟୋଜିତ ବୈଠକରେ ଆଗାମୀ ଦୂର୍ଗାପୂଜା ଉତ୍ସବକୁ କୋଭିଡ ନିୟମାନୁଯାୟୀ ପାଳନ କରାଯିବାକୁ ଆଲୋଚନା କରାଯାଇଥିଲା । ତେବେ ମେଢ କମିଟିର ସଭାପତିମାନେ କେନ୍ଦ୍ରାପଡା ଏଡିଏମଙ୍କ ନିକଟରେ ଉତ୍ସବକୁ ପାଳନ କରିବା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କରିବା ଘଟଣାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । ମେଢ କମିଟିର କର୍ମକର୍ତା ଓ ଶାନ୍ତି କମିଟିର ସଦସ୍ୟମାନେ ଏହି ଚୁକ୍ତିପତ୍ର ସ୍ଥାନୀୟ ପ୍ରଶାସନ ଜରିଆରେ ସଂପାଦନ କରାଯିବା ନେଇ ଯୁକ୍ତି ଉପସ୍ଥାପନ କରିଥିଲେ । ସଭା ମଚଂରେ ଉପସ୍ଥିତି ତହସିଲଦାର ଶ୍ରୀଗିରି ଓ ପଚ୍ଚାମୁଣ୍ଡାଇ ବିଡିଓ ଭରତ ଚନ୍ଦ୍ର ପରିଡା ଫୋନ ଯୋଗେ ଏଡିଏମଙ୍କ ସହିତ ଯୋଗାଯୋଗ କରି ଶାନ୍ତି କମିଟି ବୈଠକ ନିଷ୍ପତିକୁ ଜଣାଇବା ପରେ ମଧ୍ୟ ଏଡିଏମ ସମସ୍ତ ମେଢର କର୍ମକର୍ତାମାନେ କେନ୍ଦ୍ରାପଡା ଯାଇ ତାଙ୍କ କାର୍ଯ୍ୟାଳୟରେ ଚୁକ୍ତିପତ୍ର ସ୍ୱାକ୍ଷର କରିବାକୁ କହିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ପଚ୍ଚାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ, ତହସିଲଦାର ଶ୍ରୀଗିରି ଓ ବିଡିଓ ଶ୍ରୀପରିଡା ଶାନ୍ତି କମିଟି ଓ ମେଢ କମିଟି ସଭ୍ୟମାନଙ୍କୁ ବୁଝାଶୁଝା କରିବା ସହିତ ଜିଲ୍ଲା ପ୍ରଶାସନକୁ ଏହି ବିଷୟରେ ଅବଗତ କରାଇ ସମାଧାନ ବାହାର କରିବା ପାଇଁ ପ୍ରତିଶୃତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଏହି ବୈଠକରେ ପୌରନିର୍ବାହୀ ଅଧିକାରୀ ସଂପଦ ସ୍ୱାଇଁ, ମେଡିକାଲ ଅଫିସର ଡା.ନିରାକାର ପରିଡା, ମେଢ କମିଟି ସଂପାଦକ ବିଜୟ ସାହୁ, ବିକାଶ ପରିଷଦର ସଂପାଦକ ଗୋପିନାଥ ତ୍ରିପାଠୀ, ବରିଷ୍ଠ ସଦସ୍ୟ ଭୋଳାନାଥ ପାଢୀ, କିଶୋର ସାହୁ, ରମେଶ ଦେ, ସାମ୍ବାଦିକ ପତିତପାବନ ଭଦ୍ର, ଅନୀଲ ଚୌଧୁରୀ, ରାଧାମୋହନ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ମହାନ୍ତି, ପୂର୍ତ ବିଭାଗ ସହନିର୍ବାହୀ ଅଧିକାରୀ ଇଂ. ପ୍ରଶାନ୍ତ କୁମାର ଦାସ, ଜଳସଂପଦ ବିଭାହ ସହନିର୍ବାହୀ ଅଧିକାରୀ ଇଂ. ଶକ୍ତି ପ୍ରସାଦ ଦାସ, ସେସୁ ଏସଡିଓ ଇଂ. ବିବେକାନନ୍ଦ ପଣ୍ଡା, ମେଢ କମିଟିର କର୍ମକର୍ତା ପ୍ରମୋଦ ଜେନା, ରବିନ୍ଦ୍ର ସାହୁ, ଦୁଷ୍ମନ୍ତ ସାହୁ , ସନାତନ ବିଶ୍ୱାଳ, ବିଶ୍ୱଜିତ ଦାସ, ବାବୁରାମ ପାଢୀ ପ୍ରମୁଖ ବହୁ ମେଢ କମିଟିର କର୍ମକର୍ତା ଓ ସଭ୍ୟ ଏହି ବୈଠକରେ ଯୋଗ ଦେଇଥିଲେ । ଶେଷରେ ବରିଷ୍ଠ ସଭ୍ୟ ଗୋପିନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

# ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି। ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ। ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି। ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Bhubaneswar Friday March 24, 2023 ଭୁବନେଶ୍ୱର ଶୁକ୍ରବାର, ମାର୍ଚ୍ଚ ୨୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ରାହୁଲ ଗାନ୍ଧୀଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ରାଜ୍ୟ କଂଗ୍ରେସ ତାଙ୍କ ପଛରେ ପାହାଡ଼ ଭଳି ଛିଡ଼ା ହୋଇଛି ଏବଂ ହୋଇରହିବ:ଶରତ ପଟ୍ଟନାୟକ



ଭୁବନେଶ୍ୱର,(ପି.ଏନ): ଭାରତ ବର୍ଷର ଗଣତନ୍ତ୍ର ଆଜି ବିପନ୍ନ। ନରେନ୍ଦ୍ର ମୋଦି ସରକାର ବ୍ୟକ୍ତିର ବାକ୍ ସ୍ୱାଧୀନତା ଉପରେ ସଂପୂର୍ଣ୍ଣରୂପେ ରୋକ ଲଗାଇବା ପାଇଁ ଆଜିକୁ ୮ବର୍ଷ କାଳ କାର୍ଯ୍ୟ କରୁଛି। ଏକଛତ୍ର ବାଦ ଶାସନ ବ୍ୟବସ୍ଥାକୁ ଆପଣାଇବା ନରେନ୍ଦ୍ର ମୋଦି ଏବଂ ତାଙ୍କ ସରକାର ଚେଷ୍ଟା ଚଳାଇଛନ୍ତି। ସତ୍ୟ ଓ ଅହିଂସାର ମାର୍ଗ ରାହୁଲ ଗାନ୍ଧୀଙ୍କର ମାର୍ଗ। ଭାରତ ବର୍ଷର ସ୍ୱାର୍ଥକୁ ରକ୍ଷା କରିବା ଏବଂ ଭାରତ ବର୍ଷର ଜନଗଣଙ୍କର ସ୍ୱାର୍ଥ ରକ୍ଷା କରିବା ପାଇଁ ପ୍ରତ୍ୟେକ ସ୍ତରରେ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳ ଲଢ଼େଇ କରିବ। ଓଡ଼ିଶାର ସମସ୍ତ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ରାହୁଲ ଗାନ୍ଧୀଙ୍କ ସହିତ ପାଦକୁ ପାଦ ମିଳାଇ ଚାଲିବାର ବଜ୍ର ଶପଥ ନେଇଛି। କୌଣସି ପରିସ୍ଥିତିରେ ବି ରାହୁଲ ଗାନ୍ଧୀ ଦେଶ ବିରୋଧି ଶକ୍ତିଙ୍କ ସାମନାରେ ମୁଣ୍ଡ ନୁଆଁଇବେ ନାହିଁ ବୋଲି ଆଜି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ମାଷ୍ଟରକ୍ୟାଂଟିନ ଛକଠାରେ ଏକ ପ୍ରତିବାଦ ସଭାର ନେତୃତ୍ୱ ନେଇ ଗଣମାଧ୍ୟମକୁ କହିଛନ୍ତି। ଏହି ପ୍ରତିବାଦ ସଭାରେ ପୂର୍ବତନ କଂଗ୍ରେସ ସଭାପତି ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ଦାସରଥି ଗମାଙ୍ଗ, ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ, ଗଣେଶ୍ୱର ବେହେରା, ଶୁଭେନ୍ଦୁ ମହାନ୍ତି, ଲଲାଟେନ୍ଦୁ ମହାପାତ୍ର, ଯୁଧିଷ୍ଠିର ଜେନା, ମନୋରନ ଦାଶ, ସୁରେଶ ମହାପାତ୍ର, ଚିନ୍ମୟ ପ୍ରସାଦ ବେଉରା, କିଶୋର ଜେନା, ମାନସ ଆଚାର୍ଯ୍ୟ, ଜିଆଉଲ ହକ୍, ପ୍ରକାଶ ଜେନା, ୟାସିର ନୱାଜ, ରାଜୀବ ପଟ୍ଟନାୟକ, ମନୋଜ ସାହୁ, ରଣଜିତ ପାତ୍ର, କୃଷ୍ଣ ମହାନ୍ତି, ବାଙ୍କନିଧି ବେହେରା, ରଜନୀ ମହାନ୍ତି, ନିଶିକାନ୍ତ ମିଶ୍ର, ତ୍ରିଲୋଚନ ମହାନ୍ତି, ଚିନ୍ମୟ ସୁନ୍ଦର ଦାସ, ଦୀପକ ସାହୁ, ଶ୍ରୀନିବାସ ରାଉତରାୟ, ପ୍ରଣତି ମିଶ୍ର, ମିହିର ଆଚାର୍ଯ୍ୟ, ପ୍ରକାଶ ମିଶ୍ର, ତରୁଣ ମିଶ୍ର, ଜୟକୃଷ୍ଣ ସୁବୁଦ୍ଧି, କୁସୁମ ପ୍ରଧାନ, ସୁନିତା ଦାସ, ଅଶୋକ ଦାସ, ସାରଦା ପ୍ରଧାନ, ଅଶୋକ ସ୍ୱାଇଁ, ଜାନକୀ ବଲ୍ଲଭ ପଟ୍ଟନାୟକ, ଜୟନ୍ତ କୁମାର ସାହୁ, ସୁଶାନ୍ତ ତ୍ରିପାଠୀ, ଦିଗମ୍ବର ଗଡ଼ନାୟକ, ପ୍ରବୋଧ ସ୍ୱାଇଁ, ଧର୍ମେନ୍ଦ୍ର ମିଶ୍ର, କୁଳମଣି ସାହୁ, ସାଗର ପରିଡ଼ା, ଦେବୀ ପ୍ରସାଦ ବାହାଲିଆ, ତାପସ ସେଠୀ, ପ୍ରଭାତ ପ୍ରତାପ ସିଂ, ଲିଙ୍ଗରାଜ ସାହୁ, ନାସିର ପ୍ରମୁଖ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ସହଜଯୋଗ ଆଜିର ମହାଯୋଗ : ଶ୍ରୀମାତାଜୀଙ୍କ ଜନ୍ମ ଶତବାର୍ଷିକ ପାଳନ

ରାଉରକେଲା,(ପି.ଏନ): ସହଜଯୋଗର ପ୍ରତିଷ୍ଠାତା ପ୍ରରମ ପୂଜ୍ୟ ଶ୍ରୀମାତାଜୀ ନିର୍ମାଳା ଦେବୀ ଜନ୍ମ ଶତବାର୍ଷିକ ତା-୨୧.୦୩.୨୦୨୩ ରିଖ ସାରା ବିଶ୍ୱରେ ପାଳନ କରାଯାଇଛି। ସନ ୦୫ ମେ ୧୯୭୦ ଶ୍ରୀମାତାଜୀ ନିର୍ମାଳା ଦେବୀ ଗୁଜୁରାଟ ରାଜ୍ୟର ନାରଗୋଲର ସମୁଦ୍ର କୂଳରେ ଧ୍ୟାନ କରି କୁଣ୍ଡଳିନୀ ଶକ୍ତିର ଔଲକିକ ପ୍ରଭାବ ଏବଂ ଏହା ମାନବ ସମାଜ ପ୍ରତି କିପରି ଆନନ୍ଦ ଦାୟକ ତାହା ସେ ଆବିଷ୍କାର କରିଥିଲେ। କୁଣ୍ଡଳିନୀ ଶକ୍ତିର ଜାଗୃତ କରିବାର ଅତି ସୂକ୍ଷ୍ମତନ୍ତ୍ରକୁ ସମସ୍ତଙ୍କ ପାଖରେ ପହଂଚାଇବା ପାଇଁ 'ସହଜଯୋଗ' ପ୍ରତିଷ୍ଠା କରିଥିଲେ। ଏହା ସାରା ବିଶ୍ୱରେ ୧୮୬ ଦେଶରେ ଗ୍ରହଣ କରି ଏହାର ଉପକରଣ ତଥା ସତ୍ୟ ଯୁଗର ପ୍ରତିଷ୍ଠାର ପଥରେ ଆଗକୁ ବଢି ଚାଲିଛନ୍ତି। ଆଜିର ଏହି ପବିତ୍ର ଦିବସରେ ସାରା ବିଶ୍ୱର ଅନେକ ସହଜଯୋଗୀ ଓ ସହଜଯୋଗିନି ତଥା ଯୁବାଶକ୍ତି ଶ୍ରୀ ମାତାଜିଙ୍କ ଜନ୍ମସ୍ଥାନ ମଧ୍ୟପ୍ରଦେଶର ଚିନ୍ଦୱାଡା ସ୍ଥାନରେ ପାଳନ କରାଯାଇଛି।

## ପଖାଳ ଦିବସ ପାଇଁ ପାରାଦୀପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ପାରାଦୀପ,(ପି.ଏନ): ଖରା ଦିନେ ପ୍ରତ୍ୟେକ ଓଡ଼ିଆ ଘରେ ପଖାଳର ବେସ ଚାହିଦା ରହିଥାଏ। ସମୟାନୁକ୍ରମେ ମାର୍ଚ୍ଚ ମାସରେ ପଖାଳ ଦିବସ ପାଳନ କରାଯାଉଅଛି। ସମ୍ପ୍ରତି ଆଜିକାଲି ତାରକା ହୋଟେଲ ମାନଙ୍କରେ ଏହି ପଖାଳ ଦିବସ ପାଳନ ପରିପ୍ରେକ୍ଷୀରେ ଗ୍ରାହକ ମାନଙ୍କୁ ଉତ୍କୃଷ୍ଟ ମାନର ପଖାଳ ପରିବେଷଣ କରାଯାଉଛି କ୍ଷ ଏବେ ପଖାଳ ଖାଦ୍ୟ ସ୍ଥାନୀୟ ସମେତ ବିଦେଶାଗତ ଗ୍ରାହକ ମାନଙ୍କୁ ବେସ ଆକର୍ଷିତ କରୁଥିବାର ଦେଖିବାକୁ ମିଳୁଛି। ସେହିପରି ବନ୍ଦର ସହର ପାରାଦୀପର ନୂଆବଜାର ନିକଟସ୍ଥ ଏମ୍ପାୟର୍ସ ହୋଟେଲ ପକ୍ଷରୁ ପଖାଳ ଦିବସ ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି। ଓଡିଆ ଖାଦ୍ୟ ପଖାଳ କିପରି ବିଦେଶାଗତ ଅତିଥି ମାନଙ୍କୁ ପରିବେଷଣ ଓ ଆକୃଷ୍ଟ କରୁଛି, ତାହା ହୋଟେଲ ମ୍ୟାନେଜର ଏମ.ଏମ.ଖାନ କହିଛନ୍ତି। ମାର୍ଚ୍ଚ ୨୦ ଠାରୁ ରଜ ପର୍ଯ୍ୟନ୍ତ ଏହିଭଳି ପଖାଳ ମଧ୍ୟାହ୍ନ ଭୋଜନରେ ଦିଆଯିବ ବୋଲି ହୋଟେଲ ପକ୍ଷରୁ



କୁହାଯାଇଛି। ସେହିପରି ପାରାଦୀପର ବଡପଡ଼ିଆ ସ୍ଥିତ ଜାଇକା ହୋଟେଲରେ ପଖାଳ ସାଙ୍ଗକୁ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ସାଧାରଣରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ସଙ୍ଗେ ସଙ୍ଗେ ମଧ୍ୟାହ୍ନ ରେ ହୋଟେଲ ରେ ଭିଡ଼ ଲାଗି ରହୁଥିବା ହୋଟେଲ ଜାଇକା ପକ୍ଷରୁ କୁହାଯାଇଛି।

## ରାଜ୍ୟ ଓ ଦେଶ ଦୁନିଆର ବିକାଶ ପାଇଁ ପ୍ରବାସୀ ଶ୍ରମିକଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଅଛି



ଭୁବନେଶ୍ୱର,(ପି.ଏନ): ପୁରା କାଳରେ ସାମ୍ରାଜ୍ୟବାଦୀ ଶାସକମାନେ ଶ୍ରମିକ ମାନଙ୍କୁ ଦବରଦସ୍ତ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ନେଉଥିଲେ। ଇଂରେଜ ଶାସକ ଭାରତରୁ ଜୋର ଜବରଦସ୍ତ ଶ୍ରମିକମାନଙ୍କୁ ନେଇ ଫିଜି, ଇଣ୍ଡୋନେସିଆର, ମାଲେସିଆ, କୋଏନା, ଆର୍ଜେଂଟିନା, ମରିସର୍ସ କାମ କରିବା ପାଇଁ ନେଇଥିଲେ। ସମ୍ପ୍ରତି ଭୂମିକାଙ୍କ ବନ୍ୟା, ମରୁଡ଼ି ଓ ଫସଲ ନଷ୍ଟ ପାଇଁ ଅନ୍ୟ ରାଜ୍ୟ ଓ ଅନ୍ୟ ଦେଶକୁ ଯାଇଥାନ୍ତି। ଅଧିକ ମଜୁରୀ କରିବାର ଆର୍ଥିକ ସମସ୍ୟା ସୁଧାରିବା ପାଇଁ ରାଜ୍ୟ ଓ ଦେଶ ବାହାରକୁ ପ୍ରବାସୀ ଶ୍ରମିକମାନେ ଯାଇଥାନ୍ତି। ପ୍ରବାସୀ ଶ୍ରମିକଙ୍କ ପାଇଁ ସ୍ୱଚ୍ଛ ନିଯୁକ୍ତି ବ୍ୟବସ୍ଥା ସରକାର ସରକାର ମଧ ନିଯୁକ୍ତି ଉପଯୁକ୍ତ ମଜୁରୀ ନିର୍ଦ୍ଧାରଣ, ସ୍ୱାସ୍ଥ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା ପାଇଁ ସ୍କମ୍ ଓ ପ୍ରବାସୀ ଶ୍ରମିକମାନଙ୍କର ନିଜ ଦେଶ ଓ କାମ କରୁଥିବା ଦେଶରେ ପ୍ରକୃତ ଗଣନା ଓ ଚିହ୍ନଟ ତଥା ଆର୍ନ୍ତଦେଶୀୟ ଓ ଆନ୍ତରାଜ୍ୟ ସମସ୍ତ ଶ୍ରମିକମାନଙ୍କୁ ଭୋଟ ଦାନର ଅଧିକାର ମିଳିଲେ ପ୍ରବାସୀ ଶ୍ରମିକ ମାନଙ୍କର ସମସ୍ୟା ସମାଧାନ ହୋଇପାରିବ। ଜାତୀୟ ସ୍ତରରେ ସରକାର ଶିଳ୍ପପତି, ନିଯୁକ୍ତି ଦାତା, ଏଜେଂଟ, ଟ୍ରେଡ ୟୁନିଅନ ଶ୍ରମିକ ପ୍ରତିନିଧି ଓ ସମନ୍ୱୟ କମିଟି ଗଠିତ ହେଲେ ଜାତୀୟ ସଂଘର ଦ୍ୱାରା ପ୍ରବାସୀ ଶ୍ରମିକଙ୍କ ଦ୍ୱାରା ପ୍ରସ୍ତୁତ ନନ୍‌ବାଇଣ୍ଡିଙ୍ଗ କନ୍‌ଭେନସର ୨୩ ଟି ଧାରା ଓ ୧୨ ଟି କାର୍ଯ୍ୟକ୍ରମ ସୁଫଳ ପ୍ରବାସୀ ଶ୍ରମିକଙ୍କୁ ମିଳିପାରିବ ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ଆନ୍ତର୍ଜାତିକ ନିର୍ମାଣ କର୍ମଚାରୀ ମହାସଂଘର (ବି.ଡବ୍ଲ୍.ଆଇ) କମିଟିର ଚ୍ୟାୟାରମ୍ୟାନ୍ ଡଃ ରାମଚନ୍ଦ୍ର ଖୁଂଟିଆ ଆଇଏଲଓ ଦ୍ୱାରା ପ୍ରତିନିଧି ଭାବେ, ୟୁ.ଏନ୍.ଡି.ପି. ଏସିଆ ପାସିପିଖ୍ ଡ଼ିଭିଜିନାଲ ବୋର୍ଡ଼, ଆନ୍ତର୍ଜାତିକ ଶ୍ରମିକ ସଂଗଠନ, ଆନ୍ତର୍ଜାତିକ ପ୍ରବାସୀ ଶ୍ରମିକ ସଂଗଠନ ଓ ଜାତୀୟ ସଂଘର ମିଳିତ ଉଦ୍ୟମରେ ନେପାଳର କାଠମାଣ୍ଡୁ ଠାରେ ମାର୍ଚ୍ଚ ୨୧ ଓ ୨୨ ତାରିଖରେ ଅନୁଷ୍ଠିତ ଦୁଇ ଦୁନିଆ ସମ୍ମିଳନୀରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏହି ଆଲୋଚନା ଚକ୍ରରେ ଆନ୍ତର୍ଜାତିକ ପ୍ରବାସୀ ସଂଗଠନ ପୌରାହିତ କରିଥିଲେ। ନେପାଳ ସରକାରଙ୍କର ଶ୍ରମିକ ବିଭାଗ ସଚିବ ଶ୍ରୀଯୁକ୍ତ ରାଜୀବ ପୋଖରେଲ, ଲଣ୍ଡନର ହ୍ୟୁମାନ କମିଶନର ମୁଖ୍ୟ-ଆସିଫ୍ ଆୟୁବ୍ ଓ ହଙ୍ଗ୍‌କଙ୍ଗ୍ ହ୍ୟୁମାନ ରାଇଟ୍ ସଂଗଠନର ନିର୍ଦ୍ଦେଶକ -ନେଇଲ୍ ୱିଇଲ୍‌କିନ୍‌ସ ପ୍ରମୁଖ ଆଲୋଚନରେ ଭାଗ ନେଇଥିଲେ। ଏସିଆ ଓ ପ୍ରଶାନ୍ତ ମହାସାଗର ଅଂଚଳର ମାଲିକ ସଂଘ, ଶିଳ୍ପପତି, ସରକାରଙ୍କର ପ୍ରତିନିଧି, ସିଭିଲ୍ ସୋସାଇଟ୍ ଓ ଏନ୍.ଜି.ଓ., ପ୍ରବାସୀ ଶ୍ରମିକଙ୍କ ନିଯୁକ୍ତି ଦାତା ଏଜେଂଟ ଙ୍କ ସମେତ ୧୫୦ ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ।

## ମାର୍ଚ୍ଚ ୨୬ରେ ପାରାଦୀପରେ 'ମୋ ସାଇକେଲ ମୋ ସ୍ୱାସ୍ଥ୍ୟ' ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,(ପି.ଏନ): ଆସନ୍ତା ମାର୍ଚ୍ଚ ୨୬ ରବିବାର ଦିନ ପାରାଦୀପ ବନ୍ଦର କର୍ମଚାରୀଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ 'ମୋ ସାଇକେଲ ମୋ ସ୍ୱାସ୍ଥ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ସକାଳ ୬.୩୦ ମିନିଟ୍ ସମୟରେ ସମୁଦ୍ର ବେଳାଭୂମି ସ୍ଥିତ ବିଜୁ ମଇଦାନ ଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରି ଗୋପବନ୍ଧୁ ଷ୍ଟାଡିୟମରେ ଉଦଯାପିତ ହେବ। ଏଣୁ ଏହି ସ୍ୱାସ୍ଥ୍ୟ ସଚେତନତା ସାଇକେଲ ଯାତ୍ରାରେ ସାଧାରଣରେ ବହୁ ସଂଖ୍ୟାରେ ନିଜ ନିଜ ସାଇକେଲ ସହ ଯୋଗ ଦେବାକୁ 'ମୋ ସାଇକେଲ ମୋ ସ୍ୱାସ୍ଥ୍ୟ' ଅନୁଷ୍ଠାନର ଆୟୋଜକ ପ୍ରଶାନ୍ତ ମହାରଣା, ଧ୍ରୁନ ଚନ୍ଦ୍ର ତରାଇ, ବସନ୍ତ କୁମାର ସ୍ୱାଇଁ, ଜୀବନ କୁମାର ମହାପାତ୍ର, ଅଜୟ କୁମାର ବେହେରା ପ୍ରମୁଖ ନିବେଦନ କରିଛନ୍ତି।

## ରାଜ୍ୟ ସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ



ଭୂବନେଶ୍ୱର,(ପି.ଏନ): ବୟନିକା ପକ୍ଷରୁ ଏକାମ୍ର ହାଟ ପରିସରରେ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା। ହସ୍ତତନ୍ତ ଉନ୍ନୟନ ଆୟୋଗ ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର ଓ ବିଭିନ୍ନ ରାଜ୍ୟର ଶୀର୍ଷ ସମବାୟ ସଂସ୍ଥାର ମିଳିତ ସହଯୋଗରେ ଆୟୋଜିତ ଏହି ମେଳାକୁ ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ସଚିବ ଅରବିନ୍ଦ କୁମାର ପାଢୀ ଉଦ୍‌ଘାଟନ କରି କହିଲେ ଯେ, ହସ୍ତତନ୍ତ ଆମ ସଂସ୍କୃତିର ପରିଚୟ। ହସ୍ତତନ୍ତ ପ୍ରତି ଲୋକଙ୍କ ଆଦୃତି ବୃଦ୍ଧି ନିମନ୍ତେ ଏହି ହସ୍ତତନ୍ତ ମେଳାର ଆୟୋଜନ କରାଯାଇଛି। ହସ୍ତତନ୍ତର ପ୍ରୋତ୍ସାହନ ସହ ବୁଣାକାରଙ୍କୁ ସମ୍ମାନ ଜଣାଇବା ପାଇଁ ଆମେ ହସ୍ତତନ୍ତ ବସ୍ତ୍ର ପରିଧାନ କଲେ ସେମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ। ହସ୍ତତନ୍ତର ମାନ ବୃଦ୍ଧି ପାଇଁ ଓଡିଶାର ୯ଟି ହସ୍ତତନ୍ତ ବସ୍ତ୍ରକୁ ଜି-ଆଇ ଟ୍ୟାଗ୍ ମିଳିସାରିଛି। ଉକ୍ତ ମେଳାର ଉଦ୍‌ଘାଟନୀ ଉତ୍ସବରେ ବୟନଶିଳ୍ପ ଓ ହସ୍ତତନ୍ତ ବିଭାଗର ନିର୍ଦ୍ଦେଶକ ଶୋଭନ କୁମାର ସାହୁ, ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ରୀକାନ୍ତ ପୃଷ୍ଟି,ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ମେଳା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମେଳାରେ ୬୦ଟି ସମବାୟ ସମିତି ଯୋଗ ଦେଇଛନ୍ତି। ତନ୍ମଧ୍ୟରୁ ୪୦ଟି ଓଡିଶାର ରହିଛି। ବାକି ୨୦ଟି ସଂସ୍ଥା ଉତରପ୍ରଦେଶ, ଜାମ୍ମୁ ଓ କାଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଗୁଜରାଟ, ପାବ, କର୍ଣ୍ଣାଟକ ଏବଂ ହରିୟାଣା ଆଦି ରାଜ୍ୟର ରହିଛି। ପ୍ରଦର୍ଶନୀରେ ଓଡିଶାର ବାନ୍ଧବସ୍ତ୍ର, ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ, ଗୁଜୁରାଟର ପଟୋଲା, ଜାମ୍ମୁ ଓ କାଶ୍ମୀରର ପଶ୍ମିନା ଶାଲ, ଲକ୍ଷ୍ନୌର ଚିକେନକାରୀ, ଦିଲ୍ଲୀର ଫର୍ନିସିଙ୍ଗ ବସ୍ତ୍ର, କର୍ଣ୍ଣାଟକର ସିଲ୍କ ଶାଢୀ ଏବଂ ପାବର କମ୍ବଳ ଇତ୍ୟାଦି ଗ୍ରାହକଙ୍କ ପାଇଁ ଉପଲବ୍ଧ ହେଉଛି। ଗ୍ରାହକମାନଙ୍କ ପାଇଁ ପ୍ରତ୍ୟେକ ବସ୍ତ୍ର ଉପରେ ସ୍ୱତନ୍ତ୍ର ରିହାତିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ମେଳା ପ୍ରତ୍ୟହ ୧୧ଟାରୁ ଆରମ୍ଭ ହୋଇ ରାତ୍ର ୯ଘଟିକା ପର୍ଯ୍ୟନ୍ତ ଚାଲିବ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray